بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ:
କମ୍ଫୁଲ୍ ହକ୍ ଖାନ୍

ସହ ସମ୍ପାଦକ:
ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ
# ବଦର
Weekly BADAR Qadian Odia
କାଦିଆନ

ସଂଖ୍ୟା: 16
ବାର୍ଷିକ ଦେୟ : 600/-

18 ଶୱାଲ୍ 1446 ହି.କ, 17 ଶାହାଦତ୍ 1404 ହି.ଶ, 17 April 2025 ମସିହା
www.akhbarbadr.in

## ଅଲ୍ଲାଃତାଲାଙ୍କ ବାଣୀ

وَعَلَى الَّذِيۡنَ يُطِيۡقُوۡنَهٗ فِدۡيَةٌ طَعَامُ مِسۡكِيۡنٍ

(ଅଲ୍ ବକ୍ରାହ୍: 185)

ଅନୁବାଦ: ଏବଂ ଯେଉଁମାନେ ଏହା ଅର୍ଥାତ୍ କ୍ଷତିପୂରଣ ଦେବାକୁ ସମର୍ଥ ସେମାନେ କ୍ଷତିପୂରଣ ସ୍ୱରୂପ ଜଣେ ଲେଖାଁଏ ଦରିଦ୍ର ଲୋକଙ୍କୁ ଖାଇବାକୁ ଦେବା ବିଧେୟ ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

**ପ୍ରତ୍ୟେକ ବସ୍ତୁ ଅଲ୍ଲାଃତାଲାଙ୍କ ଠାରୁ ମାଗିବା ଉଚିତ୍, ଈଶ୍ୱର ତ' ସର୍ବ ଶକ୍ତିମାନ ଅଟନ୍ତି । ସେ ଯଦି ଚାହିଁବେ ତେବେ ଜଣେ ଯକ୍ଷ୍ମା ରୋଗୀକୁ ମଧ୍ୟ ରୋଜା ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରିବାକୁ ସକ୍ଷମ ଅଟନ୍ତି ।**

**ଏକଦା ମୁଁ ଯେତେବେଳେ 6 ମାସ ପର୍ଯ୍ୟନ୍ତ ଅହରହ ରୋଜା (ଓଷା) ରଖିଲି ସେତେବେଳେ ଦଳେ ଅବତାର ଗୋଷ୍ଠୀଙ୍କ ସହିତ ମୋର ଭେଟ ହେଲା ଏବଂ ସେମାନେ କହିଲେ, ବସ (ହେ ବ୍ୟକ୍ତି) ! ତୁମେ ନିଜ ଆତ୍ମା ଉପରେ କାହିଁକି ଏତେ ଅତ୍ୟାଚାର କରୁଛୁ ? ତହିଁରୁ ଅର୍ଥାତ୍ ଏହି ଓଷା ଅବସ୍ଥାରୁ ତୁମେ ବାହାରି ଆସ । ଏହିପରି ଭାବରେ ମନୁଷ୍ୟ ଯେତେବେଳେ ନିଜକୁ ଈଶ୍ୱରଙ୍କ ସକାଶେ କଷ୍ଟରେ ପକାଇଥାଏ ସେତେବେଳେ ଈଶ୍ୱର ସ୍ୱୟଂ ମାତାପିତାଙ୍କ ପରି ଭକ୍ତ ଉପରେ ଦୟାବତୀର୍ଣ୍ଣ କରି ଭକ୍ତକୁ କୁହନ୍ତି ଯେ, ହେ ଭକ୍ତ ତୁମେ କାହିଁକି ଏତେ ପରିଶ୍ରମ କରୁଛୁ ?**

### ଫିଦିୟା ଦେବାର ଅଭିପ୍ରାୟ

ଏକଦା ମୋ ହୃଦୟରେ ଉକ୍ତ ଧାରଣାଟି ଜାତ ହେଲା ଯେ, ଫିଦିୟା କାହିଁକି ଧାର୍ଯ୍ୟ ହୋଇଛି ? ତେବେ ଏହା ଜ୍ଞାତ ହେଲା ଯେ, ଫିଦିୟା ସାମର୍ଥ୍ୟ ସକାଶେ ଧାର୍ଯ୍ୟ ହୋଇଛି। କାରଣ ରୋଜା (ଓଷା) ରଖିବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହେବ । କେବଳ ଈଶ୍ୱରଙ୍କ ଅସ୍ତିତ୍ୱ ହେଉଛି ଏକମାତ୍ର ଅସ୍ତିତ୍ୱ ଯିଏ ମନୁଷ୍ୟକୁ ସାମର୍ଥ୍ୟ ପ୍ରଦାନ କରିଥାଆନ୍ତି । ତେଣୁ ଈଶ୍ୱରଙ୍କ ଠାରୁ ପ୍ରତ୍ୟେକ ବସ୍ତୁ ମାଗିବା ଉଚିତ୍ । ଈଶ୍ୱର ହେଉଛନ୍ତି ସର୍ବଶକ୍ତିମାନ । ସେ ଯଦି ଚାହିଁବେ ତେବେ ଜଣେ ଦୁର୍ବଳ ବ୍ୟକ୍ତିକୁ ମଧ୍ୟ ରୋଜା ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରିଦେଇ ପାରିବେ । ଅତଏବ୍ ଫିଦିୟା ଦେବା ଦ୍ୱାରା ଏହା ହିଁ ଯଥାର୍ଥ ଯେ, ମନୁଷ୍ୟକୁ ସେହି ଶକ୍ତି ପ୍ରାପ୍ତ ହୋଇଯାଉ ଏବଂ ଏହା ଈଶ୍ୱରଙ୍କ କୃପା ଦ୍ୱାରା ହିଁ ସମ୍ଭବପର ହୋଇଥାଏ । ସୁତରାଂ ମୋ ନିକଟରେ (ହ. ମସିହା ମଉଦ୍ ଅ.ସଙ୍କ) ଏହା ଉତ୍ତମ ଯେ, ମନୁଷ୍ୟ ଦୁଆ (ପ୍ରାର୍ଥନା) କରୁ କି ହେ ଈଶ୍ୱର ! ଉକ୍ତ ମାସ ହେଉଛି ତୁମ୍ଭର ପବିତ୍ର କଲ୍ୟାଣମୟ ମାସ ଏବଂ ମୁଁ ଉକ୍ତ କଲ୍ୟାଣମୟ ମାସରୁ ବଞ୍ଚିତ ହୋଇଯାଉଛି । ହେ ଈଶ୍ୱର ମୁଁ ଜାଣି ନାହିଁ ଯେ, ମୁଁ ଆସନ୍ତା ବର୍ଷ ଜୀବିତ ରହିବି କି ନାହିଁ କିମ୍ବା ହେ ଈଶ୍ୱର ! ସେହି ଛାଡ଼ି ଯାଇଥିବା ରୋଜାକୁ ମୁଁ ସଂପୂର୍ଣ୍ଣ କରିପାରିବ କି ନାହିଁ ମୁଁ ଜାଣି ନାହିଁ ? ଆପଣ ଅ.ସ କହିଲେ, ଅତଏବ୍ ମୋର ଏହି ବିଶ୍ୱାସ ରହିଛି ଯେ, ଈଶ୍ୱର ଏପରି ହୃଦୟକୁ ଶକ୍ତି ପ୍ରଦାନ କରିଦେବେ ।

### ରୋଜା ରଖିବା କାହିଁକି ଅନିର୍ବାର୍ଯ୍ୟ ?

ଅଲ୍ଲାଃତାଲା ଯଦି ଚାହିଁ ଥାଆନ୍ତେ ତେବେ ଅନ୍ୟ ଧର୍ମାବଲମ୍ବୀମାନଙ୍କ ପରି ଏହି ଧର୍ମରେ କୌଣସି କଟକଣା ରଖନ୍ତେ ନାହିଁ । କିନ୍ତୁ ସେ ଯେଉଁ କଟକଣ ଲଗାଇଛନ୍ତି ତାହା ମନୁଷ୍ୟର ମଙ୍ଗଳ ନିମନ୍ତେ ହିଁ ଧାର୍ଯ୍ୟ କରିଛନ୍ତି । ମୋ ନିକଟରେ ପ୍ରକୃତ ବସ୍ତୁ ଏହା ହିଁ ଯେ, ମନୁଷ୍ୟ ଯେତେବେଳେ ପୂର୍ଣ୍ଣ ସତ୍ୟବାଦୀତା ଓ ନିଷ୍ଠାପୂର୍ଣ୍ଣ ମନୋବୃତ୍ତି ରଖି ଈଶ୍ୱରଙ୍କ ନିକଟରେ ଗୁହାରି କରେ ଯେ, ହେ ପ୍ରଭୁ ! ତୁମ୍ଭେ ଏହି ପବିତ୍ର ଓ କଲ୍ୟାଣମୟ ମାସରେ ମୋତେ ବଞ୍ଚିତ ରଖ ନାହିଁ । ତେଣୁ ଈଶ୍ୱର ସେହି ବ୍ୟକ୍ତିକୁ ବଞ୍ଚିତ ରଖନ୍ତି ନାହିଁ । ଯଦି ମନୁଷ୍ୟ ରମଜାନ ମାସରେ ଅସୁସ୍ଥ ହୋଇଯାଏ ତେବେ ସେ ସ୍ଥଳେ ଉକ୍ତ ରୋଗ ତା' ସପକ୍ଷରେ କରୁଣା ସାବ୍ୟସ୍ତ ହୋଇଥାଏ । କାରଣ ପ୍ରତ୍ୟେକ କର୍ମ ବା ପ୍ରତ୍ୟେକ କୃତ୍ୟ ଅନ୍ତର୍ନିହିତ ଉଦ୍ଦେଶ୍ୟ ଉପରେ ହିଁ ନିର୍ଭରଶୀଳ ଅଟେ । ତେଣୁ ବିଶ୍ୱାସକାରୀ ବ୍ୟକ୍ତି ପକ୍ଷେ ଏହା ଉଚିତ୍ ଯେ, ସେ ନିଜର ଅସ୍ତିତ୍ୱ ମାଧ୍ୟମରେ ନିଜକୁ ଈଶ୍ୱରଙ୍କ ମାର୍ଗରେ ସାହସୀ ବ୍ୟକ୍ତି ରୂପେ ସାବ୍ୟସ୍ତ କରିଦେଉ । ଯେଉଁ ବ୍ୟକ୍ତି ରୋଜାର (ଓଷା ରଖିବାରୁ) ବଞ୍ଚିତ ରହେ କିନ୍ତୁ ତା' ମନରେ ରୋଜା ରଖିବା ତା'ର ହୃଦୟ ଉକ୍ତ କଥା ନିମନ୍ତେ ଯଦି ରୋଦନ ଓ ବିଳାପ କରେ ତେବେ ସେପରିପ୍ରେକ୍ଷୀରେ ଦେବଦୂତମାନେ ତା' ନିମନ୍ତେ ରୋଜା ରଖିବେ । କିନ୍ତୁ ସର୍ତ୍ତ ଏହିକି ଯେ, ତାହା (ରୋଜା ରଖିବାରୁ ବଞ୍ଚିତ ଏବଂ ଅକ୍ଷମତା) କୌଣସି ବାହାନା ହୋଇ ନଥିବ ତେବେ ଯାଇ ଅଲ୍ଲାଃତାଲା ତା'କୁ (ଭକ୍ତକୁ) ପୁଣ୍ୟରୁ କଦାପି ବଞ୍ଚିତ ରଖିବେ ନାହିଁ ।

ଏହା ଏକ ସୂକ୍ଷ୍ମ ପ୍ରସଙ୍ଗ ଯେ, ଯଦି କୌଣସି ବ୍ୟକ୍ତି ପକ୍ଷେ (ନିଜର ବ୍ୟକ୍ତିଗତ ଆଳସ୍ୟତା ଯୋଗୁଁ) ରୋଜା ରଖିବା କଷ୍ଟକର ହୁଏ ଏବଂ ସେ ନିଜ ଧାରଣାରେ ଏହା ବିଚାର କରେ ଯେ, ମୁଁ ଅସୁସ୍ଥ ଅଟେ ଏବଂ ମୋର ସ୍ୱାସ୍ଥ୍ୟାବସ୍ଥା ଏପରି ଅଟେ ଯେପରିକି ମୁଁ ଯଦି ଓଳିଏ ଆହାର ନଖାଏ ତେବେ ମୋତେ ଅମକ ସମକ ରୋଗ ହୋଇଯିବ ଓ ମୋର ଏମିତି ସେମିତି ଅସୁବିଧା ହୋଇଯିବ । ତେଣୁ ଏପରି ବ୍ୟକ୍ତି ଯେକି ଈଶ୍ୱରଙ୍କ ଅବଦାନକୁ ନିଜେ ନିଜ ଉପରେ କଷ୍ଟସାଧ ବୋଲି ମନେକରେ ତେବେ ସେହି ବ୍ୟକ୍ତି କିପରି ପୁଣ୍ୟର ଅଧିକାରୀ ହୋଇପାରିବ ? ହଁ ସେହି ବ୍ୟକ୍ତି ଯାହାର ହୃଦୟ ଉକ୍ତ କଥା ଦ୍ୱାରା ପ୍ରସନ୍ନ ଯେ, ରମଜାନ ମାସ ଆସିଗଲା ଏବଂ ମୁଁ ଉକ୍ତ ମାସକୁ ଅପେକ୍ଷା କରୁଥିଲି ଯେ, ଏହି ମାସଟି ଶୀଘ୍ର ଆସୁ ଏବଂ ମୁଁ ରୋଜା (ଓଷା) ରଖିବି । କିନ୍ତୁ ସେହି ବ୍ୟକ୍ତି ଅସୁସ୍ଥତା ତଥା ରୋଗ ଯୋଗୁଁ ରୋଜା ରଖି ପାରିଲା ନାହିଁ ତେବେ ସେପରିପ୍ରେକ୍ଷୀରେ ସେହି ବ୍ୟକ୍ତି ଆକାଶଲୋକରେ ରୋଜା ଠାରୁ ବଞ୍ଚିତ ହେବ ନାହିଁ । ଏହି ସଂସାରରେ ଅନେକ ଲୋକମାନେ ବାହାନା କରି ଥାଆନ୍ତି । ସେମାନେ ଏହା ଭାବନ୍ତି ଯେ, ଆମେମାନେ ଯେପରି ସଂସାରବାସୀଙ୍କୁ ଧୋକା ଦେଇ ଆସୁଥିଲୁ ଠିକ୍ ସେହିପରି ଆମେମାନେ ଅଲ୍ଲାଃତାଲାଙ୍କୁ ମଧ୍ୟ ଧୋକା ଦେଇଦେବୁ । ଯେଉଁ ବ୍ୟକ୍ତି ଆଳ ଏବଂ ବାହାନା ଖୋଜେ ସେହି ବ୍ୟକ୍ତି ନିଜ ଅସ୍ତିତ୍ୱରୁ ନିଜେ ଆଳ ପ୍ରସ୍ତୁତ କରିନେଇ ଥାଆନ୍ତି ଏବଂ ଆଡମ୍ବରତାକୁ ସାମିଲ୍ କରି ସେହି ପ୍ରସଙ୍ଗକୁ ସଠିକ୍ ବୋଲି ବିବେଚିତ କରି ଥାଆନ୍ତି । କିନ୍ତୁ ଈଶ୍ୱରଙ୍କ ନିକଟରେ ତାହା ଠିକ୍ ନୁହଁ । ଆଡ଼ମ୍ବରର ଦ୍ୱାର ଅତ୍ୟନ୍ତ ବ୍ୟାପକ ଅଟେ । ଯଦି ମନୁଷ୍ୟ ଚାହେଁ ତେବେ ସେ ଏହି ଆଡମ୍ବର ଅର୍ଥାତ୍ ବାହାନା ଅନୁଯାୟୀ ସାରା ଜୀବନ ବସି (ଚୌକିରେ ବସି ଅବା ଭୂମି ଉପରେ ବସି) ନମାଜ ପାଠ କରୁଥିବ ଏବଂ ରମଜାନ ମାସର ଓଷା ଆଦୌ ସେ ରଖିବ ନାହିଁ । କିନ୍ତୁ ଈଶ୍ୱର ବ୍ୟକ୍ତିର ସେହି ଅନ୍ତର୍ନିହିତ ଉଦ୍ଦେଶ୍ୟ ଏବଂ ମନୋବୃତ୍ତିକୁ ଭଲ ଭାବରେ ଜାଣନ୍ତି ଯେଉଁ ବ୍ୟକ୍ତି ନିଜ ମନରେ ସତ୍ୟତା ଓ ନିଷ୍ଠା ରଖିଥାଏ । ଈଶ୍ୱର ଜାଣନ୍ତି ଯେ, ତା' ମନରେ ବେଦନା ଓ ବ୍ୟଥା ରହିଛି ଏବଂ ଈଶ୍ୱର ସେହି ବ୍ୟକ୍ତିକୁ ଯିଏ ଅସୁସ୍ଥ ଏବଂ ରୋଗୀ ଅଟେ ତାହାକୁ ପୁଣ୍ୟ ଠାରୁ ବି ଅଧିକ ପ୍ରତିଫଳ ପ୍ରଦାନ କରିଦେଇ ଥାଆନ୍ତି । କାରଣ ମନର ବ୍ୟଥା ଓ ବେଦନା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅଟେ । ବାହାନା ବା ଆଳ କରୁଥିବା ବ୍ୟକ୍ତିମାନେ କୌଣସି ନା କୌଣସି ପ୍ରସଙ୍ଗର ଅର୍ଥ ବାହାର କରିବା ଉପରେ ନିର୍ଭରଶୀଳ ଥାଆନ୍ତି । କିନ୍ତୁ ଈଶ୍ୱରଙ୍କ ନିକଟରେ ଉକ୍ତ ଆଳ ଏବଂ ବାହାନା

ଗ୍ରହଣୀୟ ପ୍ରସଙ୍ଗ ନୁହେଁ । ଏକଦା ମୁଁ ଯେତେବେଳେ 6 ମାସ ପର୍ଯ୍ୟନ୍ତ ଅହରହ ରୋଜା (ଓଷା) ରଖିଲି ସେତେବେଳେ ଦଳେ ଅବତାରଙ୍କ ଗୋଷ୍ଠୀଙ୍କ ସହିତ ମୋର ଭେଟ ହେଲା ଏବଂ ସେମାନେ କହିଲେ, ବସ୍ (ହେ ବ୍ୟକ୍ତି) ! ତୁମେ ନିଜ ଆତ୍ମା ଉପରେ କାହିଁକି ଏତେ ଅତ୍ୟାଚାର କରୁଛ? ତହିଁରୁ ଅର୍ଥାତ୍ ଏହି ଓଷା ଅବସ୍ଥାରୁ ତୁମେ ବାହାରି ଆସ । ଏହିପରି ଭାବରେ ମନୁଷ୍ୟ ଯେତେବେଳେ ନିଜକୁ ଈଶ୍ୱରଙ୍କ ସକାଶେ କଷ୍ଟରେ ପକାଇଥାଏ ସେତେବେଳେ ଈଶ୍ୱର ସ୍ୱୟଂ ମାତାପିତାଙ୍କ ପରି ଭକ୍ତ ଉପରେ ଦୟାବତୀର୍ଣ୍ଣ କରି ଭକ୍ତକୁ କୁହନ୍ତି ଯେ, ହେ ଭକ୍ତ ତୁମେ କାହିଁକି ଏତେ ପରିଶ୍ରମ କରୁଛ? **(ମଲଫୁଜାତ୍, ଭାଗ-2, ପୃ-563, ପ୍ରକାଶନ ସ୍ଥାନ-2003 ମସିହା, କାଦିୟାନ୍)**☆--☆--☆

## ବିଗତ ସଂଖ୍ୟା-16 ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମା-21-2-2025ର ଅବଶିଷ୍ଟାଂଶ....

ଇସଲାମ୍ ଧର୍ମର ବାସ୍ତବତା ସହିତ ନିଜେ ଅବଗତ ହେବା ସଙ୍ଗେସଙ୍ଗେ ଓ ଅନ୍ୟମାନଙ୍କୁ ମଧ୍ୟ ଅବଗତ କରାନ୍ତୁ । କାରଣ ଦାରିଦ୍ର୍ୟତା ଏବଂ ପତନ ଯାହାକି ବର୍ତ୍ତମାନ ମୁସଲମାନମାନଙ୍କ ଉପରେ ଆସୁଅଛି ତାହା ଦୂରୀଭୂତ ହୋଇଯାଉ ।...ସେମାନେ ଯଦି ଧର୍ମ ସକାଶେ ତବଲିଗ୍ କଲେ ନାହିଁ, ସେମାନେ ଯଦି ଈଶ୍ୱରଙ୍କ ଆଦେଶାବଳୀ ଅନୁଯାୟୀ ଏହି ଅତୁଲ୍ୟ ଓ ଅଦୃଷ୍ଟାନ୍ତନୀୟ ଶିକ୍ଷାକୁ ସଂସାରବାସୀଙ୍କୁ ସମ୍ମୁଖରେ ଉପସ୍ଥାପିତ କଲେ ନାହିଁ । ତେବେ ସେମାନେ କେତେବେଳେ ଇସ୍‌ଲାମ୍ ଧର୍ମ ଉପସ୍ଥାପିତ କରିଛନ୍ତି ? ବର୍ତ୍ତମାନ ନିଜ ଜୀବନର ପ୍ରତିଷ୍ଠା ନିମନ୍ତେ କିଛି ଉଦ୍ୟମ କରନ୍ତୁ । ଅର୍ଥାତ୍ ଜୀବିତ ରହିବାକୁ ଯଦି ଚାହୁଁଛନ୍ତି ତେବେ ଏଥି ନିମନ୍ତେ ଉଦ୍ୟମ କରନ୍ତୁ । କାରଣ ସେମାନଙ୍କର ଜୀବନ ଓ ଇସ୍‌ଲାମ୍ ଧର୍ମର ତବ୍‌ଲିଗ୍ ଉଭୟ ଅପରିହାର୍ଯ୍ୟ ଓ ଅଙ୍ଗାଅଙ୍ଗି ଭାବରେ ଜଡ଼ିତ ହୋଇ ଯାଇଛି । **(ତୁର୍କି କା ମୁସ୍ତକ୍‌ବିଲ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-4, ପୃ-16-18)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏହି ନୀତି ଆଜି ମଧ୍ୟ ମୁସଲମାନମାନଙ୍କୁ ଅବଲମ୍ବନ କରିବା ଉଚିତ୍ । ଅନ୍ୟଥା ଇସ୍‌ଲାମ୍ ବିରୋଧୀ ଜଗତ (ଅନ୍ୟ ରାଷ୍ଟ୍ରମାନେ) ମୁସଲମାନ ରାଷ୍ଟ୍ରର ଆଖପାଖରେ ଘେରାଉ କରି ଘେରାଉକୁ ଆହୁରି ତୀବ୍ରତର ମୁସଲମାନମାନଙ୍କୁ ସଂକୁଚିତ କରି ଚାଲିବେ ଏବଂ ସଂକୁଚିତ କରୁଛନ୍ତି ମଧ୍ୟ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଏକ ଅବସର ସୃଷ୍ଟି ହେଲା "**ଅଲ୍ ମୁସଲିମ୍ ପାର୍ଟିଜ୍ କନଫରେନ୍ସ**" । ହ. ଖଲିଫତୁଲ୍ ମସିହ୍ ସାନି "**ଅଲ୍ ଇଣ୍ଡିୟା ମୁସଲିମ୍ ପାର୍ଟିଜ୍ କନଫରେନ୍ସ**" (ଅଖିଳ ଭାରତୀୟ ମୁସଲିମ୍ ଗୋଷ୍ଠୀ ସମ୍ମିଳନୀ)ର ସଭାରେ ଭାଷଣ ଉପସ୍ଥାପିତ କରିବା ନିମନ୍ତେ 13 ଜୁଲାଇ 1925 ମସିହାରେ ଏକ ପ୍ରବନ୍ଧ ରଚନା କରିଥିଲେ । ସମ୍ମିଳନୀର ଆୟୋଜକଙ୍କ ଇଚ୍ଛା ଥିଲା କି ଇମାମ୍ ଜମାଅତ୍ ଅହେମଦିୟା ସାକ୍ଷାତ୍ ଉକ୍ତ ସମ୍ମିଳନୀରେ ସାମିଲ୍ ହୋଇ ନିଜ ଚିନ୍ତାଧାରା ପରିପ୍ରକାଶ କରନ୍ତୁ । ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ମୁଁ ସ୍ୱୟଂ ଉକ୍ତ ସମ୍ମିଳନୀରେ ସାମିଲ୍ ହେବାକୁ ଅସମର୍ଥ ଅଟେ । କିନ୍ତୁ ନିଜର ପ୍ରତିନିଧିଙ୍କ ମାଧ୍ୟମରେ ମୁଁ ନିଜର ଚିନ୍ତାଧାରା ତଥା ବିଚାରଧାରା ଉପସ୍ଥାପିତ କରିଦେଉଛି । ଉକ୍ତ ପମ୍ଫ୍ଲେଟ୍ (ପ୍ରଚାର ପତ୍ର)ରେ ହୁଜୁର ଅନ୍‌ୱର୍ ରଜିଅଲ୍ଲାଃହୁ ଅନ୍‌ହୁ ସର୍ବ ପ୍ରଥମେ ଇସ୍‌ଲାମ୍ ଧର୍ମର ଧାର୍ମିକ ଓ ରାଜନୈତିକ ପ୍ରଶଂସା ବର୍ଣ୍ଣନା କରି କହିଲେ, "ଇସ୍‌ଲାମ୍ ଧର୍ମର ଧାର୍ମିକ ସଂଜ୍ଞା ରହିଛି । ଏହି ଧାର୍ମିକ ସଂଜ୍ଞାକୁ ପ୍ରତ୍ୟେକ ବ୍ୟକ୍ତି ଅବଲମ୍ବନ କରିବା ଉଚିତ୍ । କାରଣ ଯେଉଁ ବ୍ୟକ୍ତି ଯେପରି ଚାହିଁବ ସେପରି ସେ ଉକ୍ତ ଧର୍ମର ସଂଜ୍ଞା ପ୍ରଦାନ କରୁ ଓ ଉକ୍ତ ଧର୍ମର ପ୍ରଶଂସା କରୁ । **ଦ୍ୱିତୀୟ** ସଂଜ୍ଞା ହେଉଛି ଇସ୍‌ଲାମ୍ ଧର୍ମର ରୈଜନୈତିକ ସଂଜ୍ଞା । ରାଜନୈତିକ ରୂପେ କେଉଁମାନେ ମୁସଲମାନ ଅଟନ୍ତି ? ଯେଉଁ ଧର୍ମାବଲମ୍ବୀମାନଙ୍କ ସହିତ ମୁସଲମାନମାନେ ରାଜନୈକି ସଂପର୍କ ରହିଛି ସେହିମାନେ (ହିନ୍ଦୁ, ଖ୍ରୀଷ୍ଟିଆନ ଏବଂ ଶିଖ୍ ଧର୍ମାବଲମ୍ବୀମାନେ) ହିଁ ଏହାର ଉତ୍ତର ଦେଇ ପାରିବେ । କାରଣ ଯଦି ଏକ ସଂପ୍ରଦାୟର ଅନୁଗାମୀମାନେ ଯେଉଁମାନେ ନିଜକୁ ମୁସଲମାନ ବୋଲାନ୍ତି ଏବଂ ସେମାନେ ଏହା ମନେକରନ୍ତି ଯେ, ସେମାନଙ୍କୁ ଅନ୍ୟ ସଂପ୍ରଦାୟର ଲୋକମାନେ ସେ ପଛେ ଅଣମୁସଲମାନ ହୁଅନ୍ତୁ ପଛେ ସେମାନେ ସେହି ମୁସଲମାନ ସଂପ୍ରଦାୟକୁ ଅଣମୁସଲମାନ ଧର୍ମାବଲମ୍ବୀ ବୋଲି ମନେକରିବେ ହିନ୍ଦୁ, ଖ୍ରୀଷ୍ଟିଆନ୍ ଏବଂ ଶିଖ୍ ଧର୍ମାବଲମ୍ବୀମାନେ କିନ୍ତୁ ରାଜନୀତିରେ ହିନ୍ଦୁ ଓ ଶିଖ୍ ଧର୍ମାବଲମ୍ବୀମାନେ ଯେତେବେଳେ ସେମାନଙ୍କ ପ୍ରତି କୌଣସି ପଦକ୍ଷେପ ଗ୍ରହଣ କରିବେ ଅର୍ଥାତ୍ ସେମାନଙ୍କ ପ୍ରତି କୌଣସି ଆଚରଣ ପ୍ରଦର୍ଶନ କରିବେ ତେବେ ସେପରିପ୍ରେକ୍ଷୀରେ ସେମାନଙ୍କ ସହିତ ମଧ୍ୟ ସେହି ସମାନ ବ୍ୟବହାର ପ୍ରଦର୍ଶନ କରାଯିବ । ଯେଉଁ କାର୍ଯ୍ୟାନୁଷ୍ଠାନ ଗୋଟିଏ ସଂପ୍ରଦାୟ ବିରୁଦ୍ଧରେ ଯଦି ଗ୍ରହଣ କରାଯିବ ତେବେ ଅନ୍ୟ ସଂପ୍ରଦାୟ ପ୍ରତି ମଧ୍ୟ ସମାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହି ହିନ୍ଦୁ ଓ ଶିଖ୍ ଧର୍ମାବଲମ୍ବୀମାନେ ପ୍ରତ୍ୟେକ ସଂପ୍ରଦାୟକୁ ମୁସଲମାନ ମନେକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ସୁତରାଂ ରାଜନୈକ ରୂପେ ସେମାନଙ୍କର ସ୍ୱାର୍ଥ ଗୋଟିଏ ଅଟେ ଏବଂ ମୁସଲମାନମାନେ ଉକ୍ତ ବିନ୍ଦୁକୁ ଯେତେବେଳେ ହୃଦୟଙ୍ଗମ କଲେ ନାହିଁ ସେତେବେଳେ ଅନ୍ୟ ଧର୍ମାବଲମ୍ବୀମାନେ ଏମାନଙ୍କୁ ଗୋଟି ଗୋଟି କରି ଖାଇଯିବେ । ଏହି ମୁସଲମାନମାନଙ୍କର ସେତେବେଳେ ଚେତା ଫେରିବ ଓ ହେଜ ପଶିବ । କିନ୍ତୁ ସେତେବେଳକୁ ଚେତା ଫେରିବାର ଆଉ କୌଣସି ଲାଭ ହେବ ନାହିଁ । ଅତଏବ୍ ହୁଜୁର୍ ର.ଅ ସମସ୍ତ ମୁସଲମାନ ସଂପ୍ରଦାୟ ସମ୍ମୁଖରେ ଉକ୍ତ ବହୁମୂଲ୍ୟ ନୀତି ଉପସ୍ଥାତ କରିଛନ୍ତି ଯେ, ରାଜନୈତିକ ପ୍ରସଙ୍ଗରେ ମୁସଲମାନମାନେ ପୂର୍ଣ୍ଣ ଏକତା ଓ ସଂହତି ପରିପ୍ରକାଶ କରନ୍ତୁ । କାରଣ ରାଜନୈତିକ ଦୃଷ୍ଟିରୁ ଯଦି ଆପଣ କୌଣସି ଜାତି କିମ୍ବା କୌଣସି ସଂପ୍ରଦାୟକୁ ପୃଥକ୍ କରିଦେବେ ସେତେବେଳେ ଏହା କିପରି ସମ୍ଭବ ହୋଇ ପାରିବ ଯେ, ସେହି ପୃଥକ୍ ହୋଇଥିବା ସଂପ୍ରଦାୟ ଅନ୍ୟ ଜାତି ଓ ଅନ୍ୟ ଧର୍ମାବଲମ୍ବୀମାନଙ୍କ ଆଡ଼କୁ ପ୍ରତ୍ୟାବର୍ତ୍ତନ କରିବ ନାହିଁ । ଅର୍ଥାତ୍ ସେହି ପୃଥକ୍ ସଂପ୍ରଦାୟ ବା ପୃଥକ ଜାତି ଅନ୍ୟ ରାଷ୍ଟ୍ର ଏବଂ ଅନ୍ୟ ଧର୍ମବଲମ୍ବୀ ମୁହାଁ ଅବଶ୍ୟ ହେବ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏତଦ୍‌ପେର ହ. ଖଲିଫତୁଲ୍ ମସିହୁସ୍ ସାନି ର.ଅ ଇସ୍‌ଲାମ୍ ଧର୍ମର ଉନ୍ନତି ଏବଂ ପ୍ରଥା ଓ ତା'ର ରାଜନୈତିକ ଦୃଢତା ନିମନ୍ତେ କେତେକ ପ୍ରସ୍ତାବ ଦେଲେ । ଆପଣ ର.ଅ କହିଲେ, "ଇସ୍‌ଲାମ୍ ଧର୍ମର ଦାର୍ଢ୍ୟତା ଏବଂ ସ୍ଥାପନା ନିମନ୍ତେ ଏହା ଆବଶ୍ୟକ ଯେ, ସମଗ୍ର ଭାରତ ବର୍ଷରେ ଇସ୍‌ଲାମ୍ ଧର୍ମ ପ୍ରଚଳନ ତଥା ଧର୍ମ ପ୍ରଚାର ନିମନ୍ତେ ତବ୍‌ଲିଗି (ପ୍ରଚାରିକ) ବ୍ୟବସ୍ଥା ନିର୍ଦ୍ଧାରିତ କରାଯାଉ ଓ ତବ୍‌ଲିଗି ଅଞ୍ଜୁମନ୍ (ସମିତି ବା ପରିଷଦ)ର ପାରସ୍ପାରିକ ଏକତା ନିମନ୍ତେ କୌଣସି ମାର୍ଗ (ପଦକ୍ଷେପ ଗ୍ରହଣ) ବାହାର କରାଯାଉ। କାରଣ ଇସ୍‌ଲାମ୍ ଧର୍ମର ଜୀବନ ତବ୍‌ଲିଗ୍ ଉପରେ ହିଁ ନିର୍ଭରଶୀଳ ଅଟେ । ଏଥି ନିମନ୍ତେ ପୂର୍ଣ୍ଣ ବ୍ୟବସ୍ଥା ଶୈଳୀ ବା ପଦ୍ଧତି ଅବଲମ୍ବନ କରିବାର ଆବଶ୍ୟକତା ରହିଛି । (ବର୍ତ୍ତମାନ ତ' ଏହାର କାର୍ଯ୍ୟାନୁସରଣାତ୍ମକ ପରିଧି ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହୋଇ ସାରିଛି) । ସେହିପରି ମୁସଲମାନମାନଙ୍କର କଳା, ବ୍ୟବସାୟିକ ଓ ଶୈକ୍ଷିକ ଭୂମିରେ ଉନ୍ନତି କରିବା ନିମନ୍ତେ ନିୟମିତ ବିଭାଗଗୁଡ଼ିକ ସ୍ଥାପନ କରାଯିବା ଉଚିତ୍ । ପ୍ରତ୍ୟେକ ବିଭାଗର ମୂଳ ଲକ୍ଷ୍ୟ ହେବା ଉଚିତ୍ ଏବଂ ବର୍ଷ ଶେଷରେ ଏହି ସୂଚନା ପ୍ରଦାନ କରାଯାଉ ଯେ, ନିଜର ମୂଳ ଉଦ୍ଦେଶ୍ୟକୁ କେତେଦୂର ପର୍ଯ୍ୟନ୍ତ ସମ୍ପାଦନ ଏବଂ ସାର୍ଥକ କରାଯାଇଛି ? ବର୍ତ୍ତମାନ ଏହା ତ' ଇସ୍‌ଲାମ୍ ଧର୍ମର ବଡ଼ ବଡ଼ ରାଷ୍ଟ୍ରମାନଙ୍କର କାର୍ଯ୍ୟ ଓ ଦାୟିତ୍ୱ ରହିଛି । ସେହିପରି ବର୍ତ୍ତମାନ ଏକ ଜରୁରୀକାଳୀନ ରୂପେ ଏପରି ଏକ କମିଟି ଗଠନର ମଧ୍ୟ ଆବଶ୍ୟକତା ରହିଛି । ଉକ୍ତ କମିଟି ସେହି ପ୍ରସଙ୍ଗର ସମୀକ୍ଷା କରୁ କି ମୁସଲମାନମାନଙ୍କୁ ଅନ୍ୟ ଧର୍ମାବଲମ୍ବୀଙ୍କ ପ୍ରଭାବରୁ କିପରି ମୁକ୍ତ କରାଯାଇ ପାରିବ? କେଉଁ କେଉଁ ବିଭାଗଗୁଡ଼ିକ ରହିଛି ଯହିଁରେ ଅଭିଜ୍ଞ ମୁସଲମାନମାନଙ୍କର ସଂଖ୍ୟା ଅତି କମ୍ ରହିଛି। ପୁନଶ୍ଚ ସେହି କମିଟି ଉକ୍ତ ତ୍ରୁଟି ଏବଂ ଅଭାବତ୍ୱକୁ ପୂର୍ଣ୍ଣ କରିବା ନିମନ୍ତେ ଉଦ୍ୟମ କରିବ । ସେହିପରି ହ. ମୁସ୍‌ଲେହ୍ ମଉଦ୍ ର.ଅ ମୁସ୍‌ଲିମ୍ ବ୍ୟାଙ୍କର ସ୍ଥାପନର ଗୁରୁତ୍ୱ ଉପରେ ମଧ୍ୟ ଜୋର ଦେଇ କୁହନ୍ତି: "ଯଦି ବିନା ସୁଧରେ କୌଣସି ବାଟ ବାହାରି ପାରିବ ତେବେ ଯେଉଁ ବାଟ ବାହାରି ପାରିବ ସେହି ମାର୍ଗରେ ଆମ ଜମାଅତ୍ ମଧ୍ୟ ସାମିଲ୍ ହେବା ନିମନ୍ତେ ପ୍ରସ୍ତୁତ ଅଛି । ଆପଣ ର.ଅ ବୈତୁଲ୍ ମାଲ ଓ ମୁସ୍‌ଲିମ୍ ଚ୍ୟାମ୍ବର ଅଫ୍ କମର୍ସର ସ୍ଥାପନ ତଥା ଗଠନ ନିମନ୍ତେ ପ୍ରସ୍ତାବ ଦେଲେ । ସେହିପରି ଆପଣ ର.ଅ କହିଲେ, ଯେଉଁ ରାଷ୍ଟ୍ରରେ ଅଣମୁସଲମାନ ସଂପ୍ରଦାୟ ରହିଛି ସେଠାରେ ଫୌଜଦାରୀ ମକଦ୍ଦମା ବ୍ୟତୀତ ମୁସଲମାନମାନଙ୍କ ଅନ୍ୟାନ୍ୟ କଳହକୁ ନ୍ୟାୟାଳୟରେ ନେଇଯିବା ପରିବର୍ତ୍ତେ ପାରସ୍ପାରିକ ବୁଝାମଣା ଓ ମିଳିମିଶି ନିର୍ଣ୍ଣୟ କରିନେବା ନିମନ୍ତେ ମଧ୍ୟ ପଞ୍ଚାୟତ ବ୍ୟବସ୍ଥା ଶୈଳୀକୁ ଜାରି କରିବାର ଆବଶ୍ୟକତା ଉପରେ ଜୋର ଦିଆଯାଇବା ଉଚିତ୍ ।

ହ. ମୁସ୍‌ଲେହ୍ ମଉଦ୍ ର.ଅ କହିଲେ, ଶାନ୍ତି ସ୍ଥାପନ ନିମନ୍ତେ ଏହା ଆବଶ୍ୟକ ଯେ, ପାରସ୍ପାରିକ ଧାର୍ମିକ ପ୍ରସଙ୍ଗରେ ହସ୍ତକ୍ଷେପ କରା ନଯାଉ । ବ୍ୟାପକ ଉତ୍ସାହ ସହିତ ଅନ୍ୟମାନଙ୍କୁ ସେମାନଙ୍କର ଆସ୍ଥାନୁଯାୟୀ କାର୍ଯ୍ୟ କରିବାକୁ ଦିଅନ୍ତୁ ଓ **(ଅବଶିଷ୍ଟାଂଶ....ପୃ-10ରେ)**

## 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀ ଭିତ୍ତିକ ଆଧ୍ୟାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ୱ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

## (ଖୁତ୍‌ବା ଜୁମା)

ଅତ୍ୟାଚାରୀମାନଙ୍କ ଉପରେ ନିୟନ୍ତ୍ରଣ ପ୍ରାପ୍ତ କରିବା ପରେ ଆଁହଜରତ ସ.ଅ ଯେଉଁ କ୍ଷମା, ବିନମ୍ରତାମୂଳକ ଆଚରଣ ପ୍ରଦର୍ଶନ କରିଥିଲେ ବିଦ୍ୱେଷକାରୀ ଲେଖକମାନେ ପ୍ରଶଂସା କରିବା ତ' ଦୂରର କଥା ତାହାର କୌଣସି ଚର୍ଚ୍ଚା ମଧ୍ୟ କରନ୍ତି ନାହିଁ । ପୁନଶ୍ଚ ସେମାନଙ୍କର ସନ୍ଧିର ନିବେଦନକୁ ସ୍ୱୀକାର କରି ସେମାନ(ଇହୁଦୀମାନ)ଙ୍କୁ ଦେଶରୁ ନିର୍ବାସିତ କରିବାର ସର୍ତ୍ତକୁ ଆଁହଜରତ ସ.ଅ ସ୍ୱୀକାର କରି ସେମାନକୁ କ୍ଷମା କରି ଦେଇଥିଲେ । ଏହାତୁ ବଳି ଯେତେବେଳେ ସେ ଇହୁଦୀମାନେ ଏହି ନିବେଦନ କଲେ ଯେ, ହେ ମୁହମ୍ମଦ ! ଆମମାନଙ୍କୁ ଏଠାରେ ରହିବାକୁ ଦିଅନ୍ତୁ । କାରଣ ଆମେମାନେ ଏଠାରେ ରହି ବିଲବାଡ଼ି କାମ (କୃଷି କାର୍ଯ୍ୟ) ଜାରି ରଖିବୁ ଏବଂ କୃଷିରୁ ଉତ୍ପନ୍ନ ଅଧା ଶସ୍ୟ ଆପଣ (ସ.ଅ) ଆମମାନଙ୍କ ଠାରୁ ନେଇ ନେବେ । ଆପଣ ସ.ଅ ସେମାନଙ୍କର ନିବେଦନକୁ ମଧ୍ୟ ସ୍ୱୀକାର କରିନେଲେ ଏବଂ ଶାନ୍ତି, ମୈତ୍ରୀ ଓ ପ୍ରୀତିର ଏକ ଚୁକ୍ତି ସ୍ୱାକ୍ଷରିତ ହେଲା ।

— — — — — — — — — — — — — — — — — — — —

ଏକ ବର୍ଣ୍ଣନାନୁଯାୟୀ ଯେତେବେଳେ ହ. ବିଶର୍ ବିନ୍ ବରାଅ ମୃତ୍ୟୁବରଣ କଲେ ସେତେବେଳେ ରସୁଲୁଲ୍ଲାଃ ସ.ଅ ଆଦେଶ ଦେଲେ ଯେ, ସେହି ଇହୁଦୀ ମହିଳାର ସଂହାର କରିଦିଅ । ତେବେ ସେହି ମହିଳାର ସଂହାର କରିଦିଆଗଲା । ............କିନ୍ତୁ ସମ୍ଭବତଃ ସେହି ମହିଳାକୁ କ୍ଷମା କରି ଦିଆଯାଇଥିଲା । ଯେପରିକି ମୁସଲିମ୍‌ର ହଦିସ୍‌ରୁ ସ୍ପଷ୍ଟ ହୁଏ ଏବଂ ହ. ମୁସଲେହ୍ ମଉଦ୍ ର.ଅଙ୍କ ମଧ୍ୟ ଉକ୍ତ ଚିନ୍ତାଧାର ରହିଥିଲା ।

— — — — — — — — — — — — — — — — — — — —

ଆଁହଜରତ ସ.ଅଙ୍କ ଯୁବକାବସ୍ଥା ଏବଂ ଅବିବାହିତ ହୋଇଯାଇଥିବା ଦିନ, ମାସ ଏବଂ ବର୍ଷ ଉକ୍ତ କଥାର ଜ୍ୱଳନ୍ତ ପ୍ରମାଣ ଯେ, ଆପଣ ସ.ଅ ନାଉଜୁବିଲ୍ଲାଃ ବିବାହର ଆଁହଜରତ ସ.ଅଙ୍କୁ ଭୋଗ ବିଳାସ ତଥା ବିଳାସ ବ୍ୟସନ ସହିତ କୌଣସି ସଂପର୍କ ଥିଲା । ପରବର୍ତ୍ତୀ ସମୟରେ ଆଁହଜରତ ସ.ଅ ଯେଉଁ ବିବାହ କରିଥିଲେ ତହିଁରେ ଏହି ରହସ୍ୟ ଥିଲା କି ବିରୋଧୀ ଜାତି ଏବଂ ବିରୋଧୀ ସଂପ୍ରଦାୟ ମଧ୍ୟ ସନ୍ଧି, ପ୍ରୀତି, ମୈତ୍ରୀ ଓ ଭ୍ରାତୃତ୍ୱତାବୋଧର ସଂପର୍କ ସୃଷ୍ଟି କରି ବିଶ୍ୱାସର ବାତାବରଣ ସୃଷ୍ଟି କରୁ । ଯେପରି ବନୁ ମୁସ୍ତଲିକ୍ ସଂପ୍ରଦାୟର ଅଧିପତିର କନ୍ୟା ଜୁୱୈରିୟା ସହିତ ଓ କୁରୈଶ୍ ସଂପ୍ରଦାୟର ଅଧିପତି ଅବୁ ସୁଫିୟାନ୍‌ର କନ୍ୟା ଉମ୍ମେ ହବିବା ସହିତ ଆପଣ ସ.ଅ ବିବାହ କରିଥିଲେ ।

— — — — — — — — — — — — — — — — — — — —

ଉପରୋକ୍ତ ସମସ୍ତ ବିବାହ ନିଃସନ୍ଦେହ ରୂପେ ଐଶୀ ଇଙ୍ଗିତ ଅନୁଯାୟୀ ଆପଣ ସ.ଅ କରିଥିଲେ । ହଁ ସେହି ସବୁର (ପ୍ରସଙ୍ଗର) ପରିଣାମ ଅତ୍ୟନ୍ତ କଲ୍ୟାଣମୟ ଏବଂ ତାତ୍ତ୍ୱିକର ଅଧିକାରୀ ଥିଲା ।

କୌଣସି ହଦିସ୍ କିମ୍ବା ଇତିହାସ ଓ ଜୀବନୀର ପୁସ୍ତକରେ ଆଁହଜରତ ସ.ଅଙ୍କ ଜୀବନୀ ସଂପର୍କରେ ଏପରି କୌଣସି ବର୍ଣ୍ଣିତ ହୋଇଥିବ । ଆପଣ ସ.ଅଙ୍କ ଜୀବନ ପବିତ୍ର କୁରଆନ୍ କରୀମ୍ ଅନୁଯାୟୀ ଥିଲା । ଉକ୍ତ ଆଲୋକାନୁଯାୟୀ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଲେଖନୀମାନଙ୍କରେ ସେହି ପ୍ରସଙ୍ଗକୁ ଅବଲୋକନ କରିବା ଉଚିତ୍ ଏବଂ ପରଖିବା ଉଚିତ୍ । ଏପରି କରିବା ଅନୁଚିତ୍ ଯେ, ଆପଣ ସ.ଅଙ୍କ ଅସ୍ତିତ୍ୱ ଉପରେ ଦୋଷାରୋପଣ କରାଯାଉ ଏବଂ ପ୍ରତ୍ୟେକ ପ୍ରାଚ୍ୟତତ୍ତ୍ୱବିତ୍‌ମାନଙ୍କ କଥାକୁ ସ୍ୱୀକାର କରିନିଆଯାଉ ଏବଂ ଏହା ମନେକରିନିଆଯାଉ କି ଆମେମାନେ ନିରୁତ୍ତର ହୋଇଯାଇଛେ । ଏ ହେଉଛି ଆଁହଜରତ ସ.ଅଙ୍କ ପବିତ୍ରତା ଓ ଆପଣ ସ.ଅଙ୍କ ମର୍ଯ୍ୟାଦାକୁ ସ୍ଥାପନ କରିବାର ପ୍ରକୃତ ଦାୟିତ୍ୱ ନା କି ନାରାବାଜି କରିବା ।

— — — — — — — — — — — — — — — — — — — — — — — —

ଖୈବର୍ ଯୁଦ୍ଧର ପୃଷ୍ଠଭୂମିରେ ଆଁହଜରତ ସ.ଅଙ୍କ ଜୀବନୀ ଚର୍ଚ୍ଚାର ବର୍ଣ୍ଣନା ।

ନବୀ ଅକରମ୍ ସ.ଅଙ୍କୁ ବିଷ ଦେବାର କୁତ୍ସିତ ଓ ଘୃଣ୍ୟ ଷଡ଼ଯନ୍ତ୍ର ଓ ହ. ସଫିୟା ର.ଅଙ୍କ ସହିତ ଆଁହଜରତ ସ.ଅଙ୍କ ବିବାହର ବିସ୍ତୃତ ବିବରଣୀ ।

— — — — — — — — — — — — — — — — — — — — — — — —

ଦୁଇ ଦିନ ପରେ ଇନ୍‌ଶାଅଲ୍ଲାଃ ପବିତ୍ର ରମଜାନ୍ ମାସ ଆରମ୍ଭ ହେଉଅଛି । ଅଲ୍ଲାଃତାଲା ଉକ୍ତ ମାସରୁ ଭରପୁର ରୂପେ ଲାଭାନ୍ୱିତ ହେବା ନିମନ୍ତେ ଏବଂ ରୋଜା ଗ୍ରହଣୀୟ ହେବା ନିମନ୍ତେ ଓ ପ୍ରତ୍ୟେକ ସଦସ୍ୟବୃନ୍ଦଙ୍କୁ ଏଥି ନିମନ୍ତେ ଦୁଆ କରିବା ନିମନ୍ତେ ଅଲ୍ଲାଃତାଲା ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

— — — — — — — — — — — — — — — — — — — — — — — —

ରବ୍‌ୱାର ସମ୍ମାନନୀୟ ସ୍ୱର୍ଗତ ଚୌଧୁରୀ ମୁହମ୍ମଦ୍ ଅନ୍‌ୱର୍ ରିୟାଜ୍ ସାହେବଙ୍କ ବିୟୋଗର ଉତ୍ତମ ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ।

— — — — — — — — — — — — — — — — — — — — — — — —

**28 FEBRUARY 2025 ମସିହା ଅନୁଯାୟୀ ୨୮ ତବ୍‌ଲିଗ୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ. أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ. بِسْمِ اللّٰهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. إِيَّاكَ نَعْبُدُ وَ إِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ, ଆଁହଜରତ ସ.ଅଙ୍କ ଜୀବନୀ ଚର୍ଚ୍ଚା ପ୍ରସଙ୍ଗରେ ଯୁଦ୍ଧରେ ଆପଣ ସ.ଅଙ୍କ କେଉଁ ଆଦର୍ଶ ତଥା ଉଦାହରଣ ରହିଥିଲା? ସେଥି ସଂକ୍ରାନ୍ତରେ ଓ ସେହି କ୍ରମରେ ଖୈବର୍ ଯୁଦ୍ଧର ଚର୍ଚ୍ଚା ଚାଲିଥିଲା । ଖୈବର୍ ଯୁଦ୍ଧ ପରେ ଇହୁଦୀମାନଙ୍କ ପକ୍ଷରୁ ନବୀ କରୀମ୍ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ଏକ ହୀନ ଚକ୍ରାନ୍ତ ଓ ଷଡ଼ଯନ୍ତ୍ର ରଚା ଯାଇଥିଲା । ଆପଣ ସ.ଅଙ୍କୁ ବିଷାକ୍ତ ଛେଳୀ ମାଂସ ସେବନ କରିବା ନିମନ୍ତେ ଉଦ୍ୟମ କରାଯାଇଥିଲା । ଉକ୍ତ ଘଟଣାର ବିସ୍ତୃତ ବିବରଣୀ ଏହିପରି ଯେ, ଯେତେବେଳେ ଖୈବର୍ ଜୟ ହୋଇଗଲା ଏବଂ ଖୈବରବାସୀଙ୍କ ସହିତ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଉକ୍ତ ଚୁକ୍ତିକୁ ଆୟୁଦ୍ଧ ତଥା କେନ୍ଦ୍ର କରି ଖୈବରବାସୀମାନେ ଶୋଚନୀୟ ପରାଜୟ ସ୍ୱୀକାର କରିବା ପରେ ପୁଣିଥରେ ନବୀ କରୀମ୍ ସ.ଅଙ୍କ ଅସୀମ ଦୟା ଓ କରୁଣା ମାଧ୍ୟମରେ ଉପକୃତ ହେଲେ । ଅର୍ଥାତ୍ ନବୀ କରୀମ୍ ସ.ଅ କେବଳ ସେମାନଙ୍କୁ ଅର୍ଥାତ୍ ଖୈବରବାସୀଙ୍କୁ (ଖୈବରରେ ବାସ କରୁଥିବା ଇହୁଦୀମାନଙ୍କୁ) କ୍ଷମା ପ୍ରଦାନ କରି ନଥିଲେ ବରଂ ଖୈବର୍‌ରେ ରହିବା ନିମନ୍ତେ ମଧ୍ୟ ଆପଣ ସ.ଅ ସେମାନଙ୍କୁ ଅନୁମତି ମଧ୍ୟ ପ୍ରଦାନ କରିଥିଲେ । ଲୋକମାନେ ଯେତେବେଳେ ଆଶ୍ୱସ୍ତ ହୋଇଗଲେ ସେତେବେଳେ ଦିନେ ଖୈବର୍‌ର ଇହୁଦୀମାନଙ୍କର ସେନାପତି ସଲ୍ଲାମ୍ ବିନ୍ ମିଶ୍‌କମ୍‌ର ପତ୍ନି ଜୈନବ୍ ବିନ୍ତ୍ ହାରିସ୍ ଆଁହଜରତ ସ.ଅଙ୍କ ସେବାରେ ଏକ ପୋଡ଼ା ଛେଳୀ ଉପସ୍ଥାପିତ କଲା ଏବଂ ସେ କହିଲା, ହେ ମୁହମ୍ମଦ୍ (ସ.ଅ) ଏହି ପୋଡ଼ା ଛେଳୀ ମାଂସ ମୁଁ ଆପଣଙ୍କ ନିମନ୍ତେ ଉପହାର ସ୍ୱରୂପ ଆଣିଛି । କେତେକ ସ୍ଥାନରେ ଏହି ଚର୍ଚ୍ଚା ମଧ୍ୟ ମିଳେ ଯେ, ଉକ୍ତ ଷଡ଼ଯନ୍ତ୍ରରେ କେବଳ ସେହି ମହିଳା ସାମିଲ୍ ନଥିଲା ବରଂ ଇହୁଦୀମାନଙ୍କର ଆଉ କେତେକ ଲୋକମାନେ ମଧ୍ୟ ସାମିଲ୍ ଥିଲେ । ଆଁହଜରତ ସ.ଅଙ୍କ ଆଦେଶ କ୍ରମେ ସେହି ମହିଳା ଜଣକ ଉପହାର ପୋଡ଼ା ଛେଳୀ ମାଂସ ଆଣି ଆପଣ ସ.ଅଙ୍କ ସମ୍ମୁଖରେ ରଖିଦେଲା । ସେଠାରେ କେତେକ ସାହାବାମାନେ ମଧ୍ୟ ଉପସ୍ଥିତ ଥିଲେ । ତନ୍ମଧ୍ୟରେ ବିଶର୍ ବିନ୍ ବରାଅ ମଧ୍ୟ ଥିଲେ। ଆଁହଜରତ ସ.ଅ ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ! ତୁମେମାନେ ମୋ ପାଖକୁ ଚାଲି ଆସ । ଏତଦ୍‌ପରେ ଆପଣ ସ.ଅ ସେହି ଛେଳୀ ମାଂସ ମଧ୍ୟରୁ ମାଂସ ଖଣ୍ଡେ ଉଠାଇଲେ । ଅନ୍ୟ ସାହାବାମାନେ ମଧ୍ୟ ଖଣ୍ଡେ ଖଣ୍ଡେ ମାଂସ ନେଲେ । ରସୁଲ୍ କରୀମ୍ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ନିଜର ହାତକୁ ଅଟକାଇ ନିଅ । କାରଣ ଉକ୍ତ ମାଂସ ଖଣ୍ଡ ଏହା ସୂଚାଉଛି ଯେ, ତହିଁରେ ବିଷ ମିଶିଛି। ହ. ବିଶର୍ ବିନ୍ ବରାଅ ର.ଅ ଯେକି ସେଠାରେ ଉପସ୍ଥିତ ଥିଲେ, ସେ କୁହନ୍ତି ଯେ, ମୁଁ

ସେହି ସତ୍ତାଙ୍କର ଶପଥ କରି କହୁଛି ଯିଏ ଆପଣ ସ.ଅଙ୍କୁ ଉକ୍ତ ସମ୍ମାନ ଓ ମର୍ଯ୍ୟାଦା ପ୍ରଦାନ କରିଛନ୍ତି । ମୁଁ ଯେଉଁ ଖାଦ୍ୟ ଗୁଳା ଖାଇଥିଲି ତହିଁରେ ମୋତେ କିଛି ଅନୁଭୂତ ହୋଇଥିଲା । କିନ୍ତୁ ମୁଁ କେବଳ ଏଇଥିପାଇଁ ସେହି ଗୁଳାକୁ ଓଗାଳିଲି ନାହିଁ ଯେ, ଆପଣ ସ.ଅଙ୍କ ଆହାର ଖରାପ ହୋଇଯିବ । ପୁନଶ୍ଚ ଆପଣ ସ.ଅ ଯେତେବେଳେ ଖାଦ୍ୟ ଗୁଳା ପାଟିରୁ ଓଗାଳିଦେଲେ ସେତେବେଳେ ମୁଁ ନିଜ ଅପେକ୍ଷା ଅଧିକ ଆପଣ ସ.ଅଙ୍କ ପାଇଁ ଚିନ୍ତିତ ହେଲି ଏବଂ ମୁଁ ଆନନ୍ଦିତ ହେଲି ଯେ, ଆପଣ ସ.ଅ ସେହି ଗୁଳାକୁ ଗିଳିଲେ ନାହିଁ । ହ. ବିଶର୍ ର.ଅ ବର୍ତ୍ତମାନ ନିଜ ସ୍ଥାନରେ ହଟି ନଥିଲେ କି ତାଙ୍କ ଶରୀରର ରଙ୍ଗ ପରିବର୍ତ୍ତନ ହେବା ଆରମ୍ଭ ହେବାକୁ ଲାଗିଲା ଏବଂ ପୁନଶ୍ଚ ଆପଣ ର.ଅ ଏତେ ଅସୁସ୍ଥ ହୋଇ ପଡ଼ିଲେ ଯେ, ନିଜେ ମଧ୍ୟ ଗୋଟିଏ ପାର୍ଶ୍ୱକୁ ମୁହଁ ବୁଲାଇ ପାରୁ ନଥିଲେ । ଏପର୍ଯ୍ୟନ୍ତକି ପ୍ରାୟ ଗୋଟିଏ ବର୍ଷ ପରେ ତାଙ୍କର ବିୟୋଗ ହୋଇଗଲା । ଅପରପକ୍ଷେ କେତେକ ସାହାବାମାନେ କହିଲେ, ହ. ବିଶର୍ ବିନ୍ ବରାଅ ର.ଅ ନିଜ ସ୍ଥାନରୁ ବର୍ତ୍ତମାନ ଉଠି ନଥିଲେ ଆପଣ ର.ଅଙ୍କର ବିୟୋଗ ହୋଇଗଲା । ତେଣୁ ହ. ବିଶର୍ ବିନ୍ ବରାଅ ର.ଅଙ୍କ ସଂପର୍କରେ ଦୁଇଟି ବର୍ଣ୍ଣନା ରହିଛି । **(ସିରତୁଲ୍ ହଲବିୟାହ୍, ଭାଗ-3, ପୃ-79, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ, ବୈରୁତ୍) (ବୁଖାରୀ କିତାବୁଲ୍ ମୁଗାଜି, ବାବ୍- ଇଜା ଗଦରଲ୍ ମୁଶ୍‌ରିକୁନା ବିଲ୍ ମୁସ୍‌ଲିମିନା, ହଦିସ୍ ନଂ-3169) (ଅୟ୍ୟାମୁ ଫି ହୟାତିର୍ ରସୁଲ୍ ସ.ଅ, ଲେଖକ-ଫାରୁକ୍ ହମାଦତା, ପୃ-144, ପୃ-144, ଦାରୁସ୍ ସଲାମ୍ କାହିରା)**

ରସୁଲୁଲ୍ଲାଃ ସ.ଅ ସେହି ମହିଳାକୁ ଡକାଇଲେ ଏବଂ ତା'କୁ କହିଲେ, ହେ ମହିଳା! ତୁ ଉକ୍ତ ଛେଳୀ ମାଂସରେ ବିଷ ମିଶାଇଥିଲୁ କି ? ସେହି ମହିଳା ଜଣକ କହିଲା ହେ ମୁହମ୍ମଦ୍ (ସ.ଅ) ! ଆପଣ ସ.ଅଙ୍କୁ କିଏ ସୂଚନା ଦେଲା ? ଆପଣ ସ.ଅ କହିଲେ, ମୁଁ ଯେଉଁ ଛେଳୀ ମାଂସ ଖଣ୍ଡଟି ନିଜ ହାତରେ ଧରିଛି ସେହି ଛେଳୀ ମାଂସ ଖଣ୍ଡଟି ମୋତେ ସୂଚନା ଦେଇଛି ଯେ, ତହିଁରେ ବିଷ ମିଶିଛି । ସେହି ମହିଳା ଜଣକ କହିଲା, ହେ ମୁହମ୍ମଦ (ସ.ଅ) ହଁ ମୁଁ ଉକ୍ତ ଛେଳୀ ମାଂସରେ ବିଷ ମିଶାଇଥିଲି । ଆପଣ ସ.ଅ କହିଲେ, ତୁମକୁ କିଏ ଉକ୍ତ କାର୍ଯ୍ୟ କରିବା ପାଇଁ କହିଥିଲା ? ସେ କହିଲା, ଆପଣ ମୋ ଜାତି (ଅର୍ଥାତ୍ ଇହୁଦୀ ଧର୍ମାବଲମ୍ବୀମାନଙ୍କ)ଙ୍କ ସହିତ ଯେଉଁ ବ୍ୟବହାର ପ୍ରଦର୍ଶନ କରିଛନ୍ତି ତାହା ଆପଣ ସ.ଅଙ୍କ ଉପରେ ଆଗୋଚର ଏବଂ ଲୁକ୍କାୟିତ ହୋଇ ରହି ନାହିଁ । ମୁଁ ଏହା ଭାବିଲି ଯେ, ଯଦି ଆପଣ ସ.ଅ ସମ୍ରାଟ୍ ଅଟନ୍ତି ତେବେ ଆମେମାନେ (ଇହୁଦୀମାନେ) ଆପଣ ସ.ଅଙ୍କ ଠାରୁ ମୋକ୍ଷ ପ୍ରାପ୍ତ କରିନେବୁ । ଅର୍ଥାତ୍ ଆମମାନଙ୍କୁ ଆପଣ ସ.ଅଙ୍କ ଠାରୁ ମୁକ୍ତି ମିଳିଯିବ । ଆଉ ଯଦି ଆପଣ (ସ.ଅ) ଅବତାର ଅଟନ୍ତି ତେବେ ଆପଣ (ସ.ଅ)ଙ୍କୁ ସୂଚନା ପ୍ରଦାନ କରିଦିଆଯିବ। ଆପଣ ସ.ଅ ସେହି ମହିଳାକୁ କ୍ଷମା କରିଦେଲେ । ଆପଣ ସ.ଅ ସେହି ମହିଳା ଠାରୁ କୌଣସି ପ୍ରତିଶୋଧ ନେଲେ ନାହିଁ । ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ରସୁଲ୍ କରୀମ୍ ସ.ଅ ସେହି ମହିଳାକୁ କହିଲେ, ହେ ମହିଳା ! ତୋତେ ଏପରି କୃତ୍ୟ କରିବା ନିମନ୍ତେ କିଏ ପ୍ରବର୍ତ୍ତାଇଥିଲା ? ସେ କହିଲା, ଆପଣ! ଆପଣ ହିଁ ମୋର ପିତା ଏବଂ ମୋ ଚଚା, ମୋ ସ୍ୱାମୀ ଓ ମୋ ଭାଇଙ୍କୁ ହତ୍ୟା କରିଛନ୍ତି । ଏହା ହିଁ ମୋତେ ପ୍ରବର୍ତ୍ତାଇଛି ଏବଂ ମୋତେ ଅନୁପ୍ରାଣିତ କରିଛି । ତେଣୁ ମୁଁ ଆପଣ ସ.ଅଙ୍କ ଠାରୁ ପ୍ରେତିଶୋଧ ନେବା ନିମନ୍ତେ ଏପରି କୃତ୍ୟ ବା ଅପରାଧ କରିବାକୁ ବାଧ୍ୟ ହେଲି। ଏକ ବର୍ଣ୍ଣନାନୁଯାୟୀ ଯେତେବେଳେ ବିଶର୍ ବିନ୍ ବରାଅ ର.ଅ ମୃତ୍ୟୁ ବରଣ କଲେ ସେତେବେଳେ ରସୁଲୁଲ୍ଲାଃ ସ.ଅ ଆଦେଶ ଦେଲା ଯେ, ସେହି ମହିଳାର ବଧ କରିଦିଅ । ଅତଏବ୍ ସେହି ମହିଳାର ସଂହାର କରିଦିଆଗଲା । ହୁଜୁର ଅନ୍‌ୱର୍ ଅ.ବ କହିଲ, ଏହା ମଧ୍ୟ ଏକ ବର୍ଣ୍ଣନା ଅଟେ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-134-135, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ସହି ମୁସଲିମ୍‌ରେ ବର୍ଣ୍ଣିତ ହୋଇଛି ଯେ, ସେହି ମହିଳାର ସଂହାର କରାଯାଇ ନଥିଲା । ସୁତରାଂ ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଜନୈକା ଇହୁଦୀ ମହିଳା ରସୁଲୁଲ୍ଲାଃ ସ.ଅଙ୍କ ନିକଟରେ ବିଷାକ୍ତ ଛେଳୀ ମାଂସ ଆଣିଲା । ଆପଣ ସ.ଅ ସେହି ଛେଳୀ ମାଂସରୁ କିଛି ସେବନ (ଭକ୍ଷଣ ଅର୍ଥାତ୍ ଖାଇଲେ) କରିନେଲେ । ପୁନଶ୍ଚ ଆପଣ ସ.ଅଙ୍କ ନିକଟକୁ ସେହି ମହିଳାକୁ ଅଣାଗଲା । ଆପଣ ସ.ଅ ସେହି ମହିଳାକୁ ଏଥି ସଂକ୍ରାନ୍ତରେ ପଚାରିଲେ । ସେ କହିଲା, ହେ ମୁହମ୍ମଦ (ସ.ଅ) ! ମୁଁ ଆପଣ ସ.ଅଙ୍କୁ ହତ୍ୟା କରିବାକୁ ଚାହୁଁଥିଲି । ଆପଣ ସ.ଅ କହିଲେ, ଏପରି କଦାପି ସମ୍ଭବପର ହୋଇ ପାରିବ ନାହିଁ ଯେ, ଅଲ୍ଲାଃତାଲା ତୁମକୁ ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରିଦେଲେ । ଅର୍ଥାତ୍ ମୋତେ ହତ୍ୟା କରିବା ନିମନ୍ତେ ଅଲ୍ଲାଃତାଲା ତୁମକୁ ସାମର୍ଥ୍ୟ ପ୍ରଦାନ କରିଦେଇ ପାରିବେ ନାହିଁ । ବର୍ଣ୍ଣନାକାରୀ କୁହନ୍ତି ଯେ, ଲୋକମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯେଉଁ ମହିଳା ଆପଣ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ଇଚ୍ଛା ପ୍ରକାଶ କରିଥିଲା ସେହି ମହିଳାକୁ କ'ଣ ଆମେମାନେ ବଧ କରିଦେବୁ ନାହିଁ କି ? ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, ନାହିଁ । ବର୍ଣ୍ଣନାକାରୀ କୁହନ୍ତି ଯେ, ମୁଁ ବିଷର ପ୍ରଭାବ ରସୁଲୁଲ୍ଲାଃ ସ.ଅଙ୍କ କଣ୍ଠରେ ଅନୁଭବ କରି ପାରୁଥିଲି । **(ସହି ମୁସ୍‌ଲିମ୍, କିତାବୁସ୍ ସଲାମ୍, ବାବୁସ୍ ସମ୍ମିର ଅନୁବାଦକ, ଭାଗ-12, ପୃ-66, ନୁର୍ ଫାଉଣ୍ଡେସନ୍)**

ଅଲ୍ଲାମା ନୁୱୱୀ ସହି ମୁସ୍‌ଲିମ୍‌ର ଶରହ୍‌ରେ ଉଲ୍ଲେଖ କରିଛନ୍ତି ଯେ, ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ. ସେହି ମହିଳାର ବଧ କରାଇ ଦେଇଥିଲେ। ହ. ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ ସେହି ମହିଳାକୁ ହ. ବିଶର୍‌ର ଉତ୍ତରାଧିକାରୀଙ୍କୁ ହସ୍ତାନ୍ତର କରିଦେଇଥିଲେ । ସେମାନେ ଉକ୍ତ ମହିଳାର ସଂହାରେ କରିଦେଲେ । ବିଦ୍ୱାନ୍‌ମାନେ ଉକ୍ତ କଥା ଉପରେ ଏକମତ ଅଟନ୍ତି ଯେ, ଆଁହଜରତ ସ.ଅ ଉକ୍ତ ମହିଳାର ସଂହାର କରି ନଥିଲେ । କିନ୍ତୁ ଯେତେବେଳେ ହ. ବିଶର୍ ର.ଅଙ୍କ ବିୟୋଗ ହୋଇଗଲା ସେତେବେଳେ ଆଁହଜରତ ସ.ଅ ସେହି ମହିଳାକୁ ହ. ବିଶର୍ ର.ଅଙ୍କ ଉତ୍ତରାଧିକାରୀଙ୍କୁ ହସ୍ତାନ୍ତର କରିଦେଲେ । ସୁତରାଂ ସେହି ଉତ୍ତରାଧିକାରୀମାନେ ସେହି ମହିଳାକୁ ପ୍ରତିଶୋଧ ସ୍ୱରୂପ ବଧ କରିଦେଲେ। **(ଅଲ୍ ମିନ୍‌ହାଜ୍, ଶରହ୍ ସହି ମୁସ୍‌ଲିମ୍, ଭାଗ-14, ପୃ-1638, ପ୍ରକାଶନ ସ୍ଥାନ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସମ୍ଭବତଃ ସେହି ମହିଳାକୁ ମାରି ଦିଆ ଯାଇଥିଲା। ଯେପରିକି ମୁସ୍‌ଲିମ୍‌ର ହଦିସ୍‌ରୁ ସ୍ପଷ୍ଟ ରୂପେ ପ୍ରମାଣିତ ହୋଇଥାଏ ଓ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ମଧ୍ୟ ଉକ୍ତ ଧାରଣା ଥିଲା । ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଜନୈକା ଇହୁଦୀ ମହିଳା ସାହାବାମାନଙ୍କୁ ପ୍ରଶ୍ନ କଲା ଯେ, ରସୁଲ୍ କରୀମ୍ ସ.ଅଙ୍କୁ ଜୀବର କେଉଁ ଭାଗର ମାଂସ ବେଶୀ ପସନ୍ଦ ଅଟେ ? ପ୍ରତ୍ୟୁତ୍ତରରେ ସେହି ମହିଳା ଜଣକ ଛେଳୀ ଜେବହ୍ କଲେ ଓ ପଥର ଉପରେ ସେହି ଛେଳୀ ମାଂସର କବାବ୍ ରାନ୍ଧି ତହିଁରେ ବିଷ ମିଶାଇ ଦେଲା ବିଶେଷ କରି ଛେଳୀର ଆଗ ଗୋଡ଼ରେ। ଅର୍ଥାତ୍ ସେହି ମହିଳାକୁ କୁହାଯାଇଥିଲା ଯେ, ଆପଣ ସ.ଅ ଛେଳୀ ଆଗ ଗୋଡ଼ର ମାଂସକୁ ବେଶୀ ପସନ୍ଦ କରନ୍ତି । ସୂର୍ଯ୍ୟାସ୍ତ ହେବା ପରେ ଯେତେବେଳେ ରସୁଲ୍ କରୀମ୍ ସ.ଅ ମଗ୍‌ରିବ୍ ନମାଜ୍ ପାଠ କରିସାରି ନିଜର ବସା ଆଡ଼କୁ ଆସୁଥିଲେ ସେତେବେଳେ ଆପଣ ସ.ଅ ଦେଖିଲେ ଯେ, ଆପଣ ସ.ଅଙ୍କ ଶିବିର ନିକଟରେ ଜଣେ ମହିଳା ବସିଛି । ଆପଣ ସ.ଅ ସେହି ମହିଳାକୁ ପଚାରିଲେ, ହେ ଶ୍ରୀମତୀ! ତୁମର ଏଠାରେ କି କାମ ରହିଛି ? ସେହି ମହିଳା ଜଣକ କହିଲା, ହେ ଅବୁଲ୍ କାସିମ୍! ମୁଁ ଆପଣ ସ.ଅଙ୍କ ନିମନ୍ତେ ଏକ ଉପହାର ଆଣିଛି । ରସୁଲ୍ କରୀମ୍ ସ.ଅଙ୍କୁ କେହି ଜଣେ ସାହାବି କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏହି ଇହୁଦୀ ମହିଳା ଜଣକ ଆପଣ ସ.ଅଙ୍କୁ ଯାହାକିଛି ଦେଉଛି ତାହା ଆପଣ ସ.ଅ ନେଇ ନିଅନ୍ତୁ । ଏତଦ୍‌ପରେ ଆପଣ ସ.ଅ ଯେତେବେଳେ ଖାଇବା ନିମନ୍ତେ ବସିଲେ ସେତେବେଳେ ଆହାର ପାଖରେ ଛେଳୀର ସେହି ପୋଡ଼ା ମାଂସ ରଖାଗଲା । ରସୁଲ୍ କରୀମ୍ ସ.ଅ ସେହି ମାଂସରୁ ଗୋଟିଏ ଗୁଳା ଖାଇଲେ ଏବଂ ବଶୀର୍ ବିନ୍ ଅଲ୍ ବରାଅ ବିନ୍ ଅଲ୍ ମାରୁର୍ ନାମକ ଆପଣ ସ.ଅଙ୍କ ଜନୈକ (ଜଣେ) ସାହାବି ମଧ୍ୟ ଗୋଟିଏ ଗୁଳା ଖାଇଲେ। ଏଠାରେ ସେହି ସାହାବିଙ୍କର ନାମ ଭୁଲ୍ ବୋଲି ପ୍ରତୀୟମାନ ହେଉଛି। ବିଶର୍ ବଦଳରେ ବଶୀର୍ ହୋଇଯାଇଛି । ତେଣୁ ବଶୀର୍ ପରିବର୍ତ୍ତେ ବିଶର୍ ହେବାର ଥିଲା। ସୁତରାଂ ଠିକ୍ ସେତିକିବେଳେ ଅନ୍ୟ ସାହାବାମାନେ ମଧ୍ୟ ମାଂସ ଭକ୍ଷଣ (ଖାଇବା) ପାଇଁ ହାତ ବଢାଇଲେ ସେତେବେଳେ ଆପଣ ସ.ଅ ସେମାନଙ୍କୁ କହିଲେ, ରହିଯାଅ ହେ ସାହାବାମାନେ ! ତୁମେମାନେ ଏହି ମାଂସ ଖାଅ ନାହିଁ । କାରଣ ଉକ୍ତ ହାତ ମୋତେ ସୂଚନା ଦେଇଛି ଯେ, ଉକ୍ତ ମାଂସରେ ବିଷ ମିଶିଛି । (ଏହାର ଅର୍ଥା ଏହା ନୁହେଁ ଯେ, ଆପଣ ସ.ଅଙ୍କୁ ଏଥି ସଂକ୍ରାନ୍ତରେ କୌଣସି ଐଶୀବାଣୀ ହୋଇଥିଲା । ବରଂ ଏହା ଆରବ୍ୟ ଆପ୍ତ ବାକ୍ୟ ଅଟେ । ସୁତରାଂ କହିବାର ତାତ୍ପର୍ଯ୍ୟ ଏହିକିଯେ, ଉକ୍ତ ଛେଳୀ ମାଂସ ଚାଖି ମୋତେ ଏହା ଜ୍ଞାତ ହେଲା ଯେ, ତହିଁରେ ବିଷ ମିଶିଛି । ସୁତରାଂ ପବିତ୍ର କୁରଆନ୍ କରୀମ୍‌ରେ ହ. ମୁସା ଅ.ସଙ୍କ କାଳରେ ଘଟଣା ବର୍ଣ୍ଣନା କରି ଏକ ପ୍ରାଚୀର (କାନ୍ଥ) ସଂପର୍କରେ ଏହା ଉଲ୍ଲେଖ ରହିଛି ଯେ, ସେହି ପ୍ରାଚୀର ତଳେ ପଡ଼ିବାକୁ ଚାହୁଁଥିଲା । ଅର୍ଥାତ୍ ସେହ୍ ପ୍ରାଚୀରରେ ତଳେ ପଡ଼ିଯିବାର ଲକ୍ଷଣ ସୃଷ୍ଟି ହୋଇଯାଇଥିଲା । ଅତଏବ୍ ଏଠାରେ ମଧ୍ୟ ଏହା ଯଥାର୍ଥ ନୁହେଁ ଯେ, ଆପଣ ସ.ଅ କହିଲେ ସେହି ହାତ କହିଲା । ବରଂ କହିବାର ତାତ୍ପର୍ଯ୍ୟ ଏହିକି ଯେ, ସେହି ଛେଳୀ ମାଂସ ଚାଖିବା ଦ୍ୱାରା ମୁଁ ଜାଣିବାକୁ ପାଇଲି ଯେ, ତହିଁରେ ବିଷ ମିଶିଛି ।

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ସୁତରାଂ ପରବର୍ତ୍ତୀ ପଂକ୍ତି ସେହି ଶବ୍ଦର ବ୍ୟାଖ୍ୟା କରିଦିଏ ।) ପ୍ରତ୍ୟୁତ୍ତରରେ ବିଶର୍ ର.ଅ କହିଲେ, ଯେଉଁ ଈଶ୍ୱର ଆପଣ ସ.ଅଙ୍କୁ ସମ୍ମାନ ପ୍ରଦାନ କିରଛନ୍ତି ତାହାଙ୍କ ଶପଥ କରି କହୁଛି ଯେ, ମୋତେ ମଧ୍ୟ ଖାଦ୍ୟ ଗୁଳାରେ ବିଷ ମିଶ୍ରିତ ହୋଇଥିବାର ଜ୍ଞାତ ହେଉଛି । ମୋ ମନ ଚାହୁଁଥିଲା କି ଉକ୍ତ ଖାଦ୍ୟ ଗୁଳାକୁ ପାଟିରୁ କାଢି ଫିଙ୍ଗିଦେବି କିନ୍ତୁ ମୁଁ ଏହା ବୁଝିଲି ଯେ, ଯଦି ମୁଁ ଏପରି କଲି ତେବେ ବୋଧେ ଆପଣ ସ.ଅଙ୍କୁ କଷ୍ଟ ହେବ ଓ ଆପଣ ସ.ଅଙ୍କ ଆହାର ବାଧିତ ହୋଇ ନଯାଉ । ଯେତେବେଳେ ଆପଣ ସ.ଅ ଖାଦ୍ୟ ଗୁଳା ଢୋକିଲେ (ଗିଳିଲେ) ସେତେବେଳେ ମଧ୍ୟ ଆପଣ ସ.ଅଙ୍କୁ ଅନୁକରଣ କରି ମୁଁ ମଧ୍ୟ ଖାଦ୍ୟ ଗୁଳା ଗିଳି ପକାଇଲି । ଅର୍ଥାତ୍ ମୋ ମନ ଏହା କହୁଥିଲା ଯେ, ଉକ୍ତ ମାଂସରେ ବିଷ ମିଶିଛି ! ତେଣୁ ରସୁଲୁଲ୍ଲା ସ.ଅ ଆହାର ଗୁଳା ଗିଳି ନନିଅନ୍ତୁ ।" ହ. ମୁସ୍‌ଲେହ୍ ମଉଦ୍ ର.ଅ ଗିଳିବାର ଚର୍ଚ୍ଚା କରିଛନ୍ତି । କିନ୍ତୁ ଅନ୍ୟ ବର୍ଣ୍ଣନାରେ ଏହା ବର୍ଣ୍ଣିତ ହୋଇଛି ଯେ, ଆପଣ ସ.ଅ ଖାଦ୍ୟ ଗୁଳା ଗିଳି ନଥିଲେ । ବରଂ ପାଟିରୁ ବାହାର କରି ଦେଇଥିଲେ । ସେ ଯାହା ହେଉ ଏତଦ୍‌ପରେ ଆପଣ ର.ଅ କୁହନ୍ତି ଯେ, ଏହାର କିଛି ସମୟ ପରେ ବିଶର୍ ର.ଅଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇ ପଡ଼ିଲା ଏବଂ ଅନ୍ୟ କେତେକ ବର୍ଣ୍ଣନାରେ ତ' ଏହା ବର୍ଣ୍ଣିତ ହୋଇଛି ଯେ, ହ. ବିଶର୍ ର.ଅ ସେହିଠାରେ ହିଁ ମୃତ୍ୟୁବରଣ କରିଥିଲେ । ସେହିପରି ଅନ୍ୟ କେତେକ ବର୍ଣ୍ଣନାରେ ତ' ଏହା ବର୍ଣ୍ଣିତ ହୋଇଛି ଯେ, ମାଂସ ଖଣ୍ଡ ଗିଳିବା ପରେ ଆପଣ ର.ଅଙ୍କର ମୃତ୍ୟୁ ଘଟିଥିଲା । ଏହା ଦେଖି ରସୁଲ୍ କରୀମ୍ ସ.ଅ କିଛି ମାଂସ ଏକ ବିଷ୍ଟାଭୁକ୍ (କୁକୁର) ସମ୍ମୁଖରେ ପକାଇଲେ । ସେହି କୁକୁର ଯେତେବେଳେ ବିଷାକ୍ତ ମାଂସ ଖାଇଲା ସେତେବେଳେ ସହସା କୁକୁରର ମୃତ୍ୟୁ ଘଟିଥିଲା । ସୁତରାଂ ରସୁଲ୍ କରୀମ୍ ସ.ଅ ଉକ୍ତ ଦୃଶ୍ୟ ଦେଖି ସେହି ଇହୁଦୀ ମହିଳାକୁ ଡକାଇଲେ ଏବଂ କହିଲେ, ହେ ମହିଳା ! ତୁମେ ଏହି ଛେଳୀ ମାଂସରେ ବିଷ ମିଶାଇଛ ? ସେହି ମହିଳା ଜଣକ କହିଲା, ଆପଣ ସ.ଅଙ୍କୁ ଉକ୍ତ କଥା କିଏ କହିଲା ? ଆପଣ ସ.ଅଙ୍କ ହାତରେ ସେତେବେଳେ ଛେଳୀର ଆଗ ଗୋଡ଼ର ମାଂସ ଥିଲା । ଆପଣ ସ.ଅ କହିଲେ, ହେ ମହିଳା ! ମୋତେ ଏହି ହାତ ସୂଚନା ଦେଇଛି ଯେ, ତହିଁରେ (ଉକ୍ତ ମାଂସରେ) ବିଷ ମିଶିଛି । ପ୍ରତ୍ୟୁତ୍ତରରେ ସେହି ମହିଳା ଜଣକ ବୁଝିନେଲା ଯେ, ଆପଣ ସ.ଅଙ୍କ ସମ୍ମୁଖରେ ଉକ୍ତ ରହସ୍ୟଟି ଉନ୍ମୋଚିତ ହୋଇଯାଇଛି ଏବଂ ସେ ଏହି ସ୍ୱୀକାରରୋକ୍ତି ପ୍ରକାଶ କଲେ ଯେ, ସେ ଛେଳୀ ମାଂସରେ ବିଷ ମିଶାଇଛି । ଅତଏବ୍ ରସୁଲୁଲ୍ଲାଃ ସ.ଅ ସେହି ମହିଳାକୁ ପଚାରିଲେ ଯେ, ତା'କୁ ଉକ୍ତ କୃତ୍ୟ କରିବା ନିମନ୍ତେ କିଏ ଓ କେଉଁ କଥା ପ୍ରବର୍ତ୍ତଇ ଥିଲା ? ସେ ଉତ୍ତର ଦେଲା ଯେ, ମୋ ଜାତି ସହିତ ଆପଣ ସ.ଅଙ୍କର ଯୁଦ୍ଧ ହୋଇଥିଲା ଏବଂ ମୋର ଆତ୍ମୀୟ ସ୍ୱଜନ ଓ ସଂପର୍କୀୟମାନେ ଉକ୍ତ ଯୁଦ୍ଧରେ ନିହତ ହୋଇଥିଲେ । ତେଣୁ ମୋ ମନରେ ଏହି ଧାରଣା ଆସିଲା ଯେ, ମୁଁ ଆପଣ ଶ।ଅଙ୍କୁ ବିଷ ଦେଇଦେବି । ଯଦି ମୁହମ୍ମଦ୍ ସ.ଅଙ୍କ ଏହି ବ୍ୟାପାର ଅର୍ଥାତ୍ ଆପଣ ଯଦି ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ହୋଇ ନଥିବେ ତେବେ ଆମେମାନଙ୍କୁ ମୁକ୍ତି ମିଳିଯିବ । ଆଉ ଯଦି ବାସ୍ତବରେ ଆପଣ ସ.ଅ ଅବତାର ହୋଇଥିବେ ତେବେ ଈଶ୍ୱର ଆପଣ ସ.ଅଙ୍କୁ (ମୁହମ୍ମଦ ସ.ଅଙ୍କୁ) ସ୍ୱୟଂ ରକ୍ଷା କରିନେବେ । ରସୁଲ୍ କରୀମ୍ ସ.ଅ ଉକ୍ତ କଥାକୁ ଶୁଣି ସେହି ମହିଳାକୁ କ୍ଷମା କରିଦେଲେ ଏବଂ ନିଃସନ୍ଦେହ ରୂପେ ସେହି ମହିଳା ଜଣକ ମୃତ୍ୟୁଦଣ୍ଡ ଯୋଗ୍ୟ ଥିଲା । ହେଲେ ଆପଣ ସ.ଅ ସେହି ମହିଳାକୁ ଦଣ୍ଡ ଦେଲେ ନାହିଁ । **(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଭାଗ-20, ପୃ-327-329)**

ହୁଜୁର ଅନ୍‌ୱର ଅ.ବ କହିଲେ, ଉପରୋକ୍ତ ବର୍ଣ୍ଣନା ହେଉଛି ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଧାରଣା । ସେହିପରି ଏହା ମଧ୍ୟ କୁହାଯାଏ ଯେ, ଆଁହଜରତ ସ.ଅଙ୍କ ବିୟୋଗ ସେହି ବିଷ ଯୋଗୁଁ ହୋଇଥିଲା । କ'ଣ ଉକ୍ତ କଥାଟି ସଠିକ୍ ଓ ଯୁକ୍ତିଯୁକ୍ତ ଅଟେ କି ?

ସହି ବୁଖାରୀରେ ବର୍ଣ୍ଣିତ ହୋଇଛି ଯେ, ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ମୃତ୍ୟୁର ନିକଟବର୍ତ୍ତୀ ସମୟରେ ଅସୁସ୍ଥ ଥିଲେ ଏବଂ ଆପଣ ସ.ଅ ସେହି ଅବସ୍ଥାରେ କହୁଥିଲେ ଯେ, ହେ ଆଏଶା ! ମୁଁ ଖୈବର୍ ଠାରେ ଯେଉଁ ଛେଳୀ ମାଂସ ଖାଇଥିଲି ସେହି ଆହାର ଅର୍ଥାତ୍ ସେହି ମାଂସ ଖାଇବା ଦ୍ୱାରା ମୁଁ ଯେଉଁ କଷ୍ଟ ଅନୁଭବ କରୁଥିଲେ ତାହା ସବୁବେଳେ ମୋତେ ଅନୁଭୂତ ହେଉଥିଲା । ବର୍ତ୍ତମାନ ଉକ୍ତ ବିଷ ଯୋଗୁଁ ମୋର ଶିରା ପ୍ରଶିରା ଏବଂ କୋଷିକା କଟୁଥିବାର ମୁଁ ଅନୁଭବ କରୁଅଛି । ଉକ୍ତ ହଦିସ୍‌ରୁ ପ୍ରମାଣିତ କରି କେତେକ ମୁସଲମାନ ବ୍ୟାଖ୍ୟାକାରମାନେ ଏବଂ ବିଦ୍ୱାନ୍‌ମାନେ ଏହା କହିଛନ୍ତି ଯେ, ଖୈବର୍ ଯୁଦ୍ଧ ଅବସରରେ ଆପଣ ସ.ଅ ଯେଉଁ ବିଷାକ୍ତ ଛେଳୀ ମାସଂ ସେବନ (ଖାଇଥିଲେ) କରିଥିଲେ ସେହି ବିଷାକ୍ତ ମାଂସ ଯୋଗୁଁ ଆପଣ ସ.ଅଙ୍କ ବିୟୋଗ ହୋଇଥିଲା ଏବଂ ଉକ୍ତ ବିୟୋଗକୁ ଶାହାଦତ୍ ସହିତ ତୁଳନା କରାଯାଇଥାଏ ଏବଂ କୁହାଯାଏ ଯେ, ଆଁହଜରତ ସ.ଅ ସର୍ବୋଚ୍ଚ ତଥା ମହାନ ବୀରଗତି ପ୍ରାପ୍ତକାରୀ ଅଟନ୍ତି । **(ଦଲାଇଲୁନ୍ ନୁବୁୱାହ୍, ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ମରଜୁନ୍ ନବୀ ସ.ଅ ୱ ୱଫାତୁହୁ, ହଦିସ୍ ନଂ-4428) (ସହି ବୁଖାରୀ, କିତାବୁଲ୍ ହିବା, ବାବ୍-କୁବୁଲୁଲ୍ ହଦୟାହ୍, ହଦିସ୍ ନଂ-2617)**

କିନ୍ତୁ ଆପଣ ସ.ଅ ନିମନ୍ତେ ଉକ୍ତ ଆଡ଼ମ୍ବରର ଆବଶ୍ୟକତା ନାହିଁ । ଜଣେ ନବୀ (ଅବତାର) ତ' ଉକ୍ତ ମର୍ଯ୍ୟାଦାର ଅଧିକାରୀ ଯେ, ସେ ଶହୀଦ୍ (ବୀରଗତି ପ୍ରାପ୍ତକାରୀ) ମଧ୍ୟ ହୋଇଥାଏ, ଜଣେ ନବୀ ସିଦ୍ଦିକ୍ (ସତ୍ୟବାଦୀ) ମଧ୍ୟ ହୋଇଥାଏ। କେବଳ ସେତିକି ନୁହଁ ବରଂ ଧ୍ୟାନପୂର୍ବକ ଯଦି ଦେଖାଯାଏ ତେବେ ଏପରି କହିବା ଶତ୍ରୁକୁ ଉପହାସ କରିବାକୁ ସୁଯୋଗ ଦେବାର ବିପରୀତ ଅଟେ । ଇହୁଦୀମାନେ ତ' ଆଁହଜରତ ସ.ଅଙ୍କୁ ଏଥି ପାଇଁ ବିଷ ଦେଇଥିଲେ ଯେ, ଯଦି ଆପଣ ସ.ଅ ଅଲ୍ଲାଃତାଲାଙ୍କର ସତ୍ୟବାଦୀ ଅବତାର ହୋଇଥିବେ ତେବେ ଆପଣ ସ.ଅ ସେହି ବିଷରୁ ବର୍ତ୍ତିଯିବେ । ଅତଏବ୍ ଆପଣ ସ.ଅଙ୍କ ବିଷରୁ ବର୍ତ୍ତିଯିବା ହେତୁ ସେମାନେ ଜାଣିନେଲେ ଯେ, ଆପଣ ସ.ଅ ପ୍ରକୃତରେ ଜଣେ ସତ୍ୟବାଦୀ ନବୀ (ଅବତାର) ଅଟନ୍ତି । ସେହି ଇହୁଦୀମାନଙ୍କ ଦୃଷ୍ଟିରେ ଏହା ଏକ ଚମତ୍କାର ବିବେଚିତ ହେଲା ସତ କିନ୍ତୁ କେତେ ସରଳ ସ୍ୱଭାବର ବିଦ୍ୱାନ୍ ଏବଂ ବ୍ୟକ୍ତିମାନେ କୁହନ୍ତି ଯେ, ଉକ୍ତ ବିଷ ଯୋଗୁଁ ମୃତ୍ୟୁ ବରଣ କରିଥିଲେ । ସେହି ସରଳାତ୍ମା ବା ସରଳ ସ୍ୱଭାବ ତଥା ନିଷ୍କପଟ ବ୍ୟକ୍ତିମାନେ ଆଁହଜରତ ସ.ଅଙ୍କ ବିୟୋଗକୁ ବିଷ ଦ୍ୱାରା ହୋଇଥିବାର ସ୍ୱୀକାର କରି ବସିଛନ୍ତି । କିନ୍ତୁ ପ୍ରକୃତ ଘଟଣାଟି ଏହିପରି ଯେ, ଆଁହଜରତ ସ.ଅଙ୍କ ବିୟୋଗ କଦାପି କଦାପି ସେହି ବିଷ ଯୋଗୁଁ ହୋଇନଥିଲା । ଏହା ତ' କେବଳ ଏକ କଷ୍ଟର ପରିପ୍ରକାଶ ଥିଲା ଏବଂ ପ୍ରତ୍ୟେକ ବ୍ୟକ୍ତି ଉକ୍ତ କଥା ଜାଣେ ଯେ, ବେଳେବେଳେ କୌଣସି ଶାରୀରୀକ ବ୍ୟଥା ଏବଂ କଷ୍ଟ କିମ୍ବା ଆହତ ଅବା ଅସୁସ୍ଥତା ତଥା ବିଶେଷ ଅବସରରେ କିମ୍ବା କୌଣସି ବିଶେଷ ଋତୁରେ କୌଣସି କାରଣ ଯୋଗୁଁ ଶରୀରରେ ପୀଡ଼ା ଅନୁଭୂତ ହୋଇଥାଏ । ଯଦି ଉକ୍ତ ଘଟଣାର ବିସ୍ତୃତାକୁ ଆମେ ଯାଉ ତେବେ ଏହା ମଧ୍ୟ ମିଳେ ଯେ, ବିଷାକ୍ତ ମାଂସ ଆପଣ ସ.ଅ ପାଟିରେ ପକାଇ ଦେଇଥିଲେ। କିନ୍ତୁ ତାହାକୁ ଆପଣ ଗିଳି ନଥିଲେ ଏବଂ ପାଟିରେ ଯିବା ଯୋଗୁଁ ଆପଣ ସ.ଅଙ୍କ ମୁଖ ଗହ୍ୱର କିମ୍ବା ଗଳଗଣ୍ଡ କ୍ଷତ ଚିହ୍ନ ହୋଇଯାଇଥିଲା ବେଳେବେଳେ ଖାଦ୍ୟ କାଇବା ସମୟରେ ଆପଣ ସ.ଅ ପୀଡ଼ା ବା କଷ୍ଟ ଅନୁଭବ କରୁଥିଲେ । ସେହି କଷ୍ଟର ପରିପ୍ରକାଶ କରି ଆପଣ ସ.ଅ ଶେଷ ଅସୁସ୍ଥାରେ ପ୍ରକାଶ କିରଥିବେ । **(ଫତ୍‌ହୁଲ୍ ବାରି, ଭାଗ-16, ପୃ-303, କଦିମି କୁତୁବ୍ ଖାନା, କରାଚୀ) (ସିରତୁଲ୍ ହଲବିୟା, ଭାଗ-3, ପୃ-79, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଖୈବର୍ ଯୁଦ୍ଧ ସଂକ୍ରାନ୍ତରେ ହ. ସଫିୟାହ୍ ର.ଅଙ୍କ ସହିତ ବିବାହର ଚର୍ଚ୍ଚା ମଧ୍ୟ ବର୍ଣ୍ଣନାମାନଙ୍କରେ ମିଳେ । ଏହାର ବିବରଣୀରେ ଉଲ୍ଲେଖ ରହିଛି ଯେ, ଖୈବରର ନଜାର୍ ନାମକ ଦୁର୍ଗକୁ ଯେତେବେଳେ ଜୟ କରାଗଲା ସେତେବେଳେ ସେଠାରେ ଅନେକ ଇହୁଦୀମାନଙ୍କ ବନ୍ଦୀ କରି ନିଆଗଲା । ସେହି କଏଦ୍ ହୋଇଥିବା ବନ୍ଦୀମାନଙ୍କ ମଧ୍ୟରୁ ହ. ସଫିୟା ର.ଅ ଓ ତାଙ୍କ ଚଚାଙ୍କର ଅନ୍ୟ ମହିଳାମାନେ ମଧ୍ୟ ଥିଲେ । କେତେକ ପୁସ୍ତକମାନଙ୍କରେ ନଜାର ସ୍ଥାନରେ କମୁସ୍ ଦୁର୍ଗର ନାମୋଲ୍ଲେଖ ରହିଛି। ହ. ସଫିୟା ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କତିବାର ଦୁର୍ଗରେ ପହଞ୍ଚିବା ପୂର୍ବରୁ ହିଁ ନଜାର ଦୁର୍ଗରେ ଲୋକମାନଙ୍କୁ ବନ୍ଦୀ କରିନେଇଥିଲେ । **(ଫତ୍‌ହ୍ ଖୈବର୍, ଲେଖକ-ବାଶ୍‌ମିଲ୍, ପୃ-161, ନଫିସ୍ ଏକାଡ଼େମୀ, କରାଚୀ) (ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିଶ୍ଶାମ୍, ପୃ-697, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ, ବୈରୁତ୍)**

କିନାନାର ମତାନୁଯାୟୀ ନଜାର୍ ଦୁର୍ଗ ଅତ୍ୟନ୍ତ ମଜ୍‌ଭୂତ୍ ଦୁର୍ଗ ଥିଲା । ତେଣୁ ସେହି ଇହୁଦୀମାନେ ନିଜର ନାରୀମାନଙ୍କୁ ଓ ଛୋଟ ପିଲାମାନଙ୍କୁ ନଜାର୍ ଦୁର୍ଗକୁ ସ୍ଥାନାନ୍ତରିତ କରି ଦେଇଥିଲେ ।

**(ଜୀବନୀ ଶବ୍ଦକୋଷ, ଭାଗ-8 ପୃ-424, ଦାରୁସ୍ ସଲାମ୍)**

ହ. ସଫିୟା ର.ଅ ଆଁହଜରତ ସ.ଅଙ୍କ ଭାଗରେ ଅସିବା ଏବଂ ଆଁହଜରତ ସ.ଅଙ୍କ ସହିତ ବିବାହ କରିବାର ଚର୍ଚ୍ଚା ବିବରଣୀମାନଙ୍କରେ ଏହିପରି ବର୍ଣ୍ଣିତ ହୋଇଛି ଯେ, ଖୈବର୍ ଠାରେ ଯେତେବେଳେ ବନ୍ଦୀମାନଙ୍କୁ ଏକତ୍ରିତ କରାଗଲା ସେତେବେଳେ ହ. ଦହିୟାହ୍ ଆସିଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋତେ ସେହି ବନ୍ଦୀମାନଙ୍କ ମଧ୍ୟରୁ ଜଣେ କନ୍ୟା ଯୁବତୀ ପ୍ରଦାନ କରନ୍ତୁ । ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ହଉ ଯାଅ ଜଣେ କନ୍ୟା ଯୁବତୀ ନେଇ ନିଅ। ଅତଏବ୍ ହ. ଦହିୟାହ ବିନ୍ ଅଖ୍‌ତବ୍‌ଙ୍କ ସୁପୁତ୍ରୀ ସଫିୟାଙ୍କୁ ସେ ନେଇନେଲେ ।

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ଏହା ଦେଖି ଜଣେ ବ୍ୟକ୍ତି ଆଁହଜରତ ସ.ଅଙ୍କ ନିକଟକୁ ଆସିଲା ଏବଂ କହିବାକୁ ଲାଗିଲା ଯେ, ହେ ଅଲ୍ଲାହଙ୍କ ବାର୍ତ୍ତାବହ ! ଆପଣ ସ.ଅ ଦହିୟାହ୍‌ଙ୍କୁ ହୁୟଇଙ୍କ ସୁପୁତ୍ରୀ ଦେଇ ଦେଇଛନ୍ତି? ହୁୟଇଙ୍କ ସୁପୁତ୍ରୀ ତ' ବନି କୁରୈଜା ସଂପ୍ରଦାୟ ଓ ବନୁ ନୁଜୈର୍ ସଂପ୍ରଦାୟର ରାଜକନ୍ୟା (ରାଜକୁମାରୀ) ଅଟନ୍ତି । ସେ (ରାଜକୁମାରୀ) ତ' ଆପଣ ସ.ଅଙ୍କ ବ୍ୟତୀତ ଅନ୍ୟ କାହା ନିମନ୍ତେ ଉଦ୍ଦିଷ୍ଟ ନୁହନ୍ତି ? ଆପଣ ସ.ଅ କହିଲେ, ହେ ବ୍ୟକ୍ତି ! ତା'କୁ ସେହି ମହିଳା ସହିତ ଡାକ ! ସେ ତାଙ୍କୁ ଡାକି ଆଣିଲା । ନବୀ କରୀମ୍ ସ.ଅ ଯେତେବେଳେ ହ. ସଫିୟା ର.ଅଙ୍କୁ ଦେଖିଲେ ସେତେବେଳେ ଆପଣ ସ.ଅ ଦହିୟାହ୍ ର.ଅଙ୍କୁ କହିଲେ, ହେ ଦହିୟାହ୍ ! ତୁମେ ସଫିୟା ବ୍ୟତୀତ ବନ୍ଦୀମାନଙ୍କ ମଧ୍ୟରୁ ଅନ୍ୟ କୌଣସି କନ୍ୟା ନେଇ ନିଅ । ହ. ଅନସ୍ ର.ଅ କହିଲେ, ନବୀ କରୀମ୍ ସ.ଅ ହ. ସଫିୟା ର.ଅଙ୍କୁ ମୁକ୍ତ କରିଦେଲେ ।

ମସ୍‌ନଦ୍ ଅହମଦ ବିନ୍ ହମ୍ବଲର ବର୍ଣ୍ଣନା ରହିଛି ଯେ, ଆଁହଜରତ ସ.ଅ ହ. ସିଫିୟା ର.ଅଙ୍କୁ କହିଲେ, ହେ ସଫିୟା ! ମୁଁ ତୁମକୁ ସ୍ୱାଧୀନ ଅର୍ଥାତ୍ କାରାମୁକ୍ତ କରୁଛି । ତୁମେ ଯଦି ଚାହୁଁଛ ତେବେ ତୁମେ ମୋ ସହିତ ବିବାହ କରିନିଅ । ଆଉ ଯଦି ତୁମେ ଏହା ଚାହୁଁଛ ତେବେ ତୁମେ ନିଜ ସଂପ୍ରଦାୟ ଆଡ଼କୁ ଫେରିଯାଅ । ତୁମ ନିକଟରେ ଦୁଇଟି ବିକଳ୍ପ ରହିଛି । ପ୍ରତ୍ୟୁତ୍ତରରେ ସେ ସ୍ୱାଧୀନତା ଏବଂ ନବୀ କରୀମ୍ ସ.ଅଙ୍କ ସହିତ ବିବାହ କରିବାକୁ ପସନ୍ଦ କଲେ । ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ଆପଣ ସ.ଅ ତାଙ୍କୁ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ନିମନ୍ତେ ନିମନ୍ତ୍ରଣ ଯେତେବେଳେ ଦେଲେ ସେତେବେଳେ ହ. ସଫିୟା ର.ଅ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲେ । **(ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ଭାଗ-4, ପୃ-357, ହଦିସ୍ ନଂ-12436, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ସିରତୁନ୍ ନବୀ ସ.ଅ, ଲେଖକ-ସଲାବୀ, ପୃ-280-281, ମକ୍ତବା ଦାରୁସ୍ ସଲାମ୍)**

ଆଁହଜରତ ସ.ଅ ଯେତେବେଳେ ଦହିୟାହ୍ ର.ଅଙ୍କୁ ଉକ୍ତ କଥା କହିଲେ ଯେ, ହେ ଦହିୟାହ୍ ! ତୁମେ ଦାସୀ ନେଇଯାଅ ସେତେବେଳେ ଏକ ବର୍ଣ୍ଣନାନୁଯାୟୀ ଆପଣ ସ.ଅ ତାଙ୍କୁ ହ. ସଫିୟା ର.ଅଙ୍କ ଚଚାଙ୍କ କନ୍ୟା ଅର୍ଥାତ୍ ହ. ସଫିୟା ର.ଅଙ୍କ ଚଚାଙ୍କ ଭଉଣୀ କିନାନା ବିନ୍ ରବିଇଙ୍କୁ ପ୍ରଦାନ କରିଦେଲେ । ଅନ୍ୟ କେତେକ ବର୍ଣ୍ଣନାନୁଯାୟୀ ଆପଣ ସ.ଅ ହ. ଦହିୟାହ୍ ର.ଅଙ୍କୁ 7ଜଣ ଦାସ କିମ୍ବା 7ଟି ଦାସୀ ପ୍ରଦାନ କରିଥିଲେ ଓ ହ. ସଫିୟା ର.ଅଙ୍କୁ ଉମ୍ମେ ସଲ୍‌ମା ର.ଅଙ୍କ ନିକଟକୁ ପ୍ରେରଣ କରିଦେଲେ । **(ଅଲ୍ ଇକ୍‌ତିଫା, ଭାଗ-1, ପୃ-187, ହଦିସ୍ ନଂ-12436, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ସିରତୁନ୍ ନବୀ ସ.ଅ, ଲେଖକ- ଶିବ୍‌ଲୀ ନୁମାନୀ, ଭାଗ-1ପୃ-329, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ, ବୈରୁତ୍) (ଅଲ୍ ବଦାୟା ୱନ୍ ନହାୟା, ଭାଗ-6) (ନଜାହୁଲ୍ କାରି, ଶରହ୍ ସହି ବୁଖାରୀ, ଭାଗ-13, ପୃ-106, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ, ବୈରୁତ୍)**

ଖୈବର୍‌ର ସମସ୍ତ ପ୍ରସଙ୍ଗରୁ ମୁକ୍ତ ହେବା ପରେ ଆଁହଜରତ ସ.ଅ ଖୈବରରୁ ବାହାରିଲେ ଏବଂ ପ୍ରାୟ 6 ମାଇଲ୍ ଦୂରତାରେ ଆପଣ ସ.ଅ ଶିବିର ପକାଇବାକୁ ଇଚ୍ଛା ପ୍ରକାଶ କଲେ । କାରଣ ହ. ସଫିୟା ର.ଅଙ୍କ ବିବାହ ଘର ନିଷ୍ପନ୍ନ ହୋଇଯାଉ। କିନ୍ତୁ ହ. ସଫିୟା ର.ଅଙ୍କ ଇଚ୍ଛା କ୍ରମେ ଆପଣ ସ.ଅ ଯାତ୍ରାକୁ ଜାରି ରଖିଲେ ଏବଂ ଖୈବର୍ ଠାରୁ ପ୍ରାୟ 12 ମାଇଲ୍ ଦୂରତାରେ ସହ୍‌ବା ନାମକ ସ୍ଥାନରେ ଶିବିର ପକାଇଲେ । ହ. ଉମ୍ମେ ସୁଲୈମ୍ ର.ଅ ବଧୂକୁ ସଜାଇଲେ । ଆଁହଜରତ ସ.ଅ ହ. ସଫିୟା ର.ଅଙ୍କୁ ଯେତେବେଳେ ପଚାରିଲେ ଯେ, ହେ ସଫିୟା ! ତୁମେ ପ୍ରଥମ ସ୍ଥାନରେ ଶିବିର ପକାଇବାକୁ କାହିଁକି ଅଟକାଇ ଦେଇଥିଲ ? ତାଙ୍କର ଉତ୍ତରରୁ ଏହା ଜ୍ଞାତ ହୁଏ ଯେ, ଆଁହଜରତ ସ.ଅଙ୍କ ଉତ୍ତମ ଚରିତ୍ରବତ୍ତା କୌଣସି ପ୍ରକାର ହ. ସଫିୟା ର.ଅଙ୍କ ହୃଦୟକୁ ପରିଷ୍କାର କରିଦେଇ ଥିଲେ । ଇହୁଦୀ ଅଧିପତିର କନ୍ୟା ଏବଂ ଜଣେ ଇହୁଦୀ ସର୍ଦ୍ଦାରଙ୍କ ପତ୍ନି ଓ ପିତା ଯେଉଁ ମୁସଲମାନ ହସ୍ତ ଦ୍ୱାରା ଖନ୍ଦକ୍ ଯୁଦ୍ଧ ପରେ ନିହତ ହୋଇଥିଲା । ତା'ର ସ୍ୱାମୀ ମଧ୍ୟ ସେହି ବ୍ୟକ୍ତି ଯାହାର ବର୍ତ୍ତମାନ ଦୁଇ ମାସ ପୂର୍ବେ ବିବାହ ହୋଇଥିଲା ସେ କିଛି ଦିନ ପୂର୍ବେ ନିହତ ହୋଇଥିଲା । ଯାହାଙ୍କର ଚଚା ମଧ୍ୟ ନିହତ ହେଲା ଓ ଆହୁରି ଅନେକ ନିକଟ ସଂପର୍କୀୟ ତଥା ଆତ୍ମୀୟ ସ୍ୱଜନମାନେ ମଧ୍ୟ ନିହିତ ହେଲେ । ସେହି ମହିଳା ନିଜେ ବର୍ଣ୍ଣନା କରନ୍ତି ଯେ, ମୋ ମନରେ ଆପଣ ସ.ଅଙ୍କ ପ୍ରତି ଅତ୍ୟଧିକ ଘୃଣା ଭାବ ରହିଥିଲା । କିନ୍ତୁ ଯେତେବେଳେ ରସୁଲୁଲ୍ଲାହ ସ.ଅଙ୍କ ସହିତ ମୋର ପ୍ରଥମ ସାକ୍ଷାତ୍ ହେଲା (ମୁଁ ଅର୍ଥାତ୍ ହ. ସଫିୟା ର.ଅ କହୁଛନ୍ତି ଯେ, ମୁଁ ଯେତେବେଳେ ଆଁହଜରତ ସ.ଅଙ୍କୁ ପ୍ରଥମ ଥର ଦେଖିଲି) ସେତେବେଳେ ଆପଣ ସ.ଅ ମୋ ସହିତ ଅତ୍ୟନ୍ତ ପ୍ରେମ ଓ ଆନ୍ତରୀକତାର ସହିତ ସାକ୍ଷାତ୍ କଲେ । ଆପଣ ସ.ଅ ବାରମ୍ବାର ମୋ ନିକଟରେ ଏହି କ୍ଷମା ଚାହୁଁଥିଲେ ଯେ, ହେ ସଫିୟା ! ତୁମର ପିତାଶ୍ରୀ, ସମଗ୍ର ଆରବ ଦେଶକୁ ଆମ (ଆଁହଜରତ ସ.ଅଙ୍କ) ବିରୁଦ୍ଧରେ ଯୁଦ୍ଧ କରିବା ନିମନ୍ତେ ପ୍ରସ୍ତୁତ କରି ନେଇ ଆସିଥିଲା ଏବଂ ସେ ଏପରି କଲା ସେପରି କଲା ଓ ପରିଶେଷରେ ଆମକୁ ଆତ୍ମରକ୍ଷା କରିବା ନିମନ୍ତେ ଖୈବର୍ ଆସିବାକୁ ପଡ଼ିଲା । କାରଣ ତୁମ ପିତାଶ୍ରୀଙ୍କ ଷଡ଼ଯନ୍ତ୍ର ବିରୁଦ୍ଧରେ ଆମେ କାର୍ଯ୍ୟାନୁଷ୍ଠା ଗ୍ରହଣ କରିଲୁ । ହ. ସଫିୟା ର.ଅ ବର୍ଣ୍ଣନା କରନ୍ତି ଯେ, ଆପଣ ସ.ଅ ଏତେ ଅଧିକ ଓ ଏତେ ଆନ୍ତରୀକତାର ସହିତ ଉକ୍ତ କଥାକୁ ବାରମ୍ବାର ବର୍ଣ୍ଣନା କଲେ ଯେ, ମୋର ହୃଦୟ ଆପଣ ସ.ଅଙ୍କ ସଂପର୍କରେ ସଂପୂର୍ଣ୍ଣ ରୂପେ ସ୍ୱଚ୍ଛ ହୋଇଗଲା ଏବଂ ମୁଁ ପ୍ରଥମ ସଭାରୁ ଉଠି ନଥିଲି କି ଆଁହଜରତ ସ.ଅଙ୍କୁ ଏତେ ଭଲ ପାଇ ନଥିଲି । ଯେତେବେଳେ ଖୈବରରୁ ପ୍ରତ୍ୟାବର୍ତ୍ତନ (ଫେରିବା) ଯାତ୍ରା ଆରମ୍ଭ ହେଲା ସେତେବେଳେ ଆଁହଜରତ ସ.ଅ ତାଙ୍କ (ହ. ସଫିୟା ର.ଅଙ୍କ ପ୍ରତି) ସହିତ ଉତ୍ତମ ବ୍ୟବାହାରର ଏହି ଅବସ୍ଥା ଥିଲା ଯେ, ଯେତେବେଳେ ଯାତ୍ରା ନିମନ୍ତେ ଆପଣ ସ.ଅ ବାହାରିବାକୁ ଲାଗିଲେ ସେତେବେଳେ ଆପଣ ସ.ଅ ସବାରୀ (ବାହନ) ଉପରେ ତାଙ୍କ (ହ. ସଫିୟା ର.ଅଙ୍କ) ବସିବା ନିମନ୍ତେ ନିଜ ଚଦରର ନିମ୍ନଭାଗରେ ସେଠାରେ (ବାହାନ ଉପରେ) ରଖିଦେଲେ । ପୁନଶ୍ଚ ନିଜର ଆଣ୍ଠୁ ଭୂମି ଉପରେ ରଖିଲେ । ସେହି ଆଣ୍ଠୁ ଉପରେ ହ. ସଫିୟା ର.ଅ ନିଜର ପାଦ ରଖି ଓଟ ଉପରେ ଆରୋହଣ ହେଲେ । ମାର୍ଗରେ ଯେତେବେଳେ ହ. ସଫିୟା ର.ଅଙ୍କୁ ନିଦ ଆସିଲା ଏବଂ ମୁଣ୍ଡ ପାଲିଙ୍କି ସହିତ ବାଜିବାକୁ ଲାଗିଲା ସେତେବେଳେ ନିଜର ପବିତ୍ର ହସ୍ତରୁ ହ. ସଫିୟା ର.ଅଙ୍କ ମୁଣ୍ଡକୁ ଧରୁଥିଲେ ଯେ, କାଳେ ହ. ସଫିୟା ର.ଅ ଆହତ ହୋଇ ନଯାଆନ୍ତୁ । କାରଣ ହ. ସଫିୟା ର.ଅ ଆଁହଜରତ୍ ସ.ଅଙ୍କ ପବିତ୍ର ପତ୍ନିଙ୍କ ମଧ୍ୟରେ ସାମିଲ୍ ହୋଇ ସାରିଥିଲେ । ତେଣୁ ଖୈବରରୁ ପ୍ରତ୍ୟାବର୍ତ୍ତନ ପରେ ରସୁଲ୍ କରୀମ୍ ସ.ଅ ତାଙ୍କୁ ନିଜ ପଛରେ ଓଟ ଉପରେ ଆରୋହଣ କଲେ ଓ ପରଦା ନିମନ୍ତେ ତାଙ୍କ ଉପରେ ଚଦର ପକାଇ ଦେଲେ । ତହିଁରୁ ଏହା ସ୍ପଷ୍ଟ ହୁଏ ଯେ, ହ. ସଫିୟା ର.ଅ ଆପଣ ସ.ଅଙ୍କର ଦାସୀ ନୁହନ୍ତି ବରଂ ଆପଣ ସ.ଅଙ୍କ ର ପତ୍ନି ଅଟନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ 6 ମାଇଲରେ ନ ଅଟକିବାର ଉତ୍ତର ହ. ସଫିୟା ର.ଅ ଯେଉଁ ଉତ୍ତର ଦେଲେ ତା'ର ବିସ୍ତୃତ ବିବରଣୀ ଏହିପରି ବର୍ଣ୍ଣିତ ହୋଇଛି ଯେ, ଏହା ଆପଣ ସ.ଅଙ୍କ ଉତ୍ତମ ଚରିତ୍ରବତ୍ତାର ପ୍ରଭାବ ଥିଲା ଯେ, ହ. ସଫିୟା ର.ଅଙ୍କୁ ସମଗ୍ର ସଂସାରରେ ଆଁହଜରତ ସ.ଅଙ୍କ ଠାରୁ ଅଧିକ ପ୍ରିୟ ଅନ୍ୟ କେହି ବି ନଥିଲା । ସୁତରାଂ ହ. ସଫିୟା ର.ଅ ଆପଣ ସ.ଅଙ୍କୁ ଉତ୍ତର ଦେଲେ ଯେ, ଆପଣ ସ.ଅ ତ' ଖୈବର୍‌ର ଅତି ନିକଟବର୍ତ୍ତୀ ସ୍ଥାନରେ ଶିବିର ପକାଇବା ପାଇଁ ଚାହୁଁଥିଲେ । ତେଣୁ ମୁଁ ନିଜ ଜାତି ପ୍ରତି ଭୟଭୀତ ଥିଲି । କାରଣ ସେମାନେ ଆପଣ ସ.ଅଙ୍କ କୌଣସି କ୍ଷତି ଘଟାଇବା ପାଇଁ ଚେଷ୍ଟା ନକରନ୍ତୁ । ତେଣୁ ମୁଁ ଚାହିଁଲି ଯେ, ଆପଣ ସ.ଅ ଖୈବର୍ ଠାରୁ କିଛି ଦୂରକୁ ବାହାରି ଯାଇ ଶିବିର ସ୍ଥାପନ କରନ୍ତୁ । ଇହୁଦାମାନଙ୍କର ଷଡ଼ଯନ୍ତ୍ର ଏବଂ ସେମାନଙ୍କର ଭୟଙ୍କର ଉଦ୍ଦେଶ୍ୟ ସହିତ ସାହାବାମାନେ ମଧ୍ୟ ଭଲ ଭାବରେ ପରିଚିତ ଓ ଅବଗତ ଥିଲେ ଏବଂ ଖୈବର୍‌ର ଜୈନବ୍ ନାମକ ମହିଳା ଦ୍ୱାରା ଖାଦ୍ୟ ବିଷ ମିଶା ଯାଇଥିଲା । କାରଣ ସେ ଆପଣ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ଷଡ଼ଯନ୍ତ୍ର କରିଥିଲା । ତେଣୁ ଉକ୍ତ ହତ୍ୟା ଷଡ଼ଯନ୍ତ୍ରକୁ ବର୍ତ୍ତମାନ କିଛି ଦିନ ବିତି ଥିଲା । ତେଣୁ ଆପଣ ସ.ଅଙ୍କ ପ୍ରାଣୋତ୍ସର୍ଗୀ ସାହାବାମାନେ ବର୍ତ୍ତମାନ କୌଣସି ମୁହୂର୍ତ୍ତକ ପାଇଁ ମଧ୍ୟ ଆପଣ ସ.ଅଙ୍କ ଠାରୁ ଅବଚେତନ ରହିବାକୁ ଚାହୁଁ ନଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଠାରେ ଅବୁ ଅୟ୍ୟୁବ୍ ର.ଅଙ୍କ ଘଟଣା ବର୍ଣ୍ଣିତ ହୋଇଛି । ହ. ଅବୁ ଅୟ୍ୟୁବ ଅନ୍‌ସାରୀ ର.ଅ ରାତ୍ର ସମୟରେ ପ୍ରହାର ଦେଇଥିଲେ ଏବଂ ତାଙ୍କର ନିରୀହ, ସରଳତାମୂଳକ ପ୍ରେମର ପରିପ୍ରକାଶ ସେହି ବିବାହ ସମୟରେ ମଧ୍ୟ ଦେଖିବାକୁ ମିଳିଲା । ତାହା ଏହିପରି ଯେ, ରାତ୍ର ଅତିକ୍ରାନ୍ତ ହେବା ପରେ ଯେତେବେଳେ ଆଁହଜରତ ସ.ଅ ସକାଳ ସମୟରେ ନିଜ ଶିବିର ମଧ୍ୟରୁ ବାହାରକୁ ବାହାରିଲେ ସେତେବେଳେ ଆପଣ କ'ଣ ଦେଖିଲେ ? ଆପଣ ସ.ଅ ଏହା ଦେଖିଲେ ଯେ, ହ. ଅବୁ ଅୟ୍ୟୁବ୍ ଅନ୍‌ସାରୀ ର.ଅ ଖଡ଼୍‌ଗ ହାତରେ ଧରି ଆପଣ ସ.ଅଙ୍କ ଶିବିର ବାହାରେ ତତ୍ପର ହୋଇ ଛିଡ଼ା ହୋଇଛନ୍ତି । ଆପଣ ସ.ଅ ପଚାରିଲେ ଯେ, ହେ ଅବୁ ଅୟ୍ୟୁବ୍ ! କ'ଣ କଥା ହୋଇଛି ବା କ'ଣ ଘଟଣା ହୋଇଛି ତୁମେ ଖଡ଼ଗ ଧରି ଛିଡ଼ା ହୋଇଛ ? ପ୍ରତ୍ୟୁତ୍ତରରେ ହ. ଅବୁ ଅୟ୍ୟୁବ୍ ର.ଅ କହିଲେ, ହେ ଅଲ୍ଲାହଙ୍କ ବାର୍ତ୍ତାବହ! ମୋତେ ସେହି ନବାଗତ ଇହୁଦୀ ମୁସ୍‌ଲିମ୍ ମହିଳା ଅର୍ଥାତ ହ. ସଫିୟା ର.ଅଙ୍କ ସଂପର୍କରେ ଆଶଙ୍କା ହେଲା ଯେ, ତା'ର ପିତା, ସ୍ୱାମୀ ଓ ସେହି ଇହୁଦୀ ଜାତିର ଲୋକମାନେ ନିହତ ହୋଇଛନ୍ତି । ଆପଣ ର.ଅ (ହ. ସଫିୟା ର.ଅ) ବର୍ତ୍ତମାନ


### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାହଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ନୂଆ ନୂଆ ମୁସଲମାନ ହୋଇଛନ୍ତି । ଇହୁଦୀମାନେ ଆପଣ ସ.ଅଙ୍କ ଅନିଷ୍ଟ ଓ କ୍ଷତି ସାଧାନ ଯେପରି ନକରିଦିଅନ୍ତୁ । ତେଣୁ ମୁଁ ଅହୋରାତ୍ର  ଖଡ୍‌ଗ ଧରି ବାହାରେ ପ୍ରହରା ଦେଉଥିଲି । ହ. ଅୟୁ୍ୟବ୍ ର.ଅଙ୍କ ଉକ୍ତ ନିରୀହତା, ସରଳ ପଣିଆ ପ୍ରେମର ଉତ୍ତରରେ ଆଁହଜରତ ସ.ଅ ତାଙ୍କୁ ଦୁଆ ଅର୍ଥାତ୍ ଆଶୀର୍ବାଦ କରି କହିଲେ, ହେ ଅଲ୍ଲାଃ ! ଅବୁ ଅୟୁ୍ୟବ ଯେପରି ମୋର ସୁରକ୍ଷାର୍ ଅହୋରାତ୍ର ଯାପନ କରିଦେଇଛନ୍ତି ଠିକ୍ ସେହିପରି ତୁମ୍ଭେ ମଧ ଅବୁ ଅୟୁ୍ୟବଙ୍କୁ ରକ୍ଷା କର । ହ. ଅବୁ ଅୟ୍ୟବ ଅନ୍‌ସାରୀ ର.ଅଙ୍କ ପ୍ରକୃତ ନାମ ଖାଲିଦ୍ ବିନ୍ ଜୈଦ୍ ଥିଲା । ଏ ହେଉଛନ୍ତି ସେହି ସାହାବି ଯିଏ ମଦିନା ପ୍ରବାସ ସମୟରେ ଅନେକ ମାସ ପର୍ଯ୍ୟନ୍ତ ନବୀ କରୀମ୍ ସ.ଅଙ୍କ ଆତିଥ୍ୟତା ଓ ଅତିଥି ସତ୍କାର କରିବା ଗୌରବ ଅର୍ଜନ କରିଥିଲେ । 50 ହିଜ୍ରୀରେ ଏକ ଅଭିଯାନ ସମୟରେ ଆପଣ ର.ଅ ମୃତ୍ୟୁବରଣ କରିଥିଲେ ଓ ଇସ୍ତାନ୍‌ବୁଲ୍ ଠାରେ ଆପଣ ର.ଅଙ୍କ କବର ରହିଛି ।

ହୁଜୁର ଅ.ବ କହିଲେ, ସେ ଯାହା ହେଉ ପରବର୍ତ୍ତୀ ଦିନ ଆପଣ ସ.ଅଙ୍କ ପକ୍ଷରୁ ପ୍ରୀତି ଭୋଜନ (ୱଲିମା)ର ଆୟୋଜନ କରାଗଲା । ଉକ୍ତ ପ୍ରୀତିଭୋଜନ ମଧ ଅତ୍ୟନ୍ତ ଶିଷ୍ଟ ଓ ଅତି ସରଳ ଢଙ୍ଗରେ ହୋଇଥିଲା । ଖଜୁରୀ, ପନୀର୍, ଘିଅରୁ ପ୍ରସ୍ତୁତ ହୈସ୍ (ଏକ ପ୍ରକାରର ଖାଦ୍ୟ) ନାମକ ଏକ ଆହାର ପ୍ରୀତିଭୋଜନରେ ପ୍ରସ୍ତୁତ ହୋଇଥିଲା। ତିନି ଦିନ ପର୍ଯ୍ୟନ୍ତ ଅବସ୍ଥାନ କରିବା ପରେ ଆପଣ ସ.ଅ ଏଠାରୁ ପ୍ରସ୍ଥାନ କଲେ । ହ. ସଫିୟା ର.ଅଙ୍କ ସ୍ୱାଧୀନ ହେବା ହିଁ ତାଙ୍କର ହକ୍ ମେହେର ଧାର୍ଯ୍ୟ ହୋଇଥିଲା । ହ. ସଫିୟା ର.ଅଙ୍କ ଏକ ସ୍ୱପ୍ନ ଚର୍ଚ୍ଚା ମଧ ମିଳେ । ସେହି ସ୍ୱପ୍ନର ସତ୍ୟତା ମଧ ଉକ୍ତ ବିବାହା ଦ୍ୱାରା ସ୍ପଷ୍ଟ ହୋଇଯାଇଥାଏ । ସୁତରାଂ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଆପଣ ସ.ଅ ହ. ସଫିୟା ର.ଅଙ୍କ ଚକ୍ଷୁ (ଆଖି) ନିକଟରେ ଏକ ନୀଳ ରଙ୍ଗର ଚିହ୍ନ ଯେତେବେଳେ ଦେଖିଲେ ସେତେବେଳେ ଆପଣ ସ.ଅ ତାଙ୍କୁ ପଚାରିଲେ, ହେ ସଫିୟା ! ଉକ୍ତ ଆଘାତ ଚିହ୍ନ କେଉଁ କାରଣରୁ ହୋଇଛି ? ପ୍ରତ୍ୟୁତ୍ତରରେ ହ. ସଫିୟା ର.ଅ କହିଲେ, ଆପଣ ସ.ଅଙ୍କ ଖୈବର ଆଗମନର କିଛି ଦିନ ପୂର୍ବେ କିମ୍ବା ଅନ୍ୟ କେତେକ ବର୍ଣ୍ଣନାନୁଯାୟୀ ଖୈବରର ଘେରାଉ (ଅବରୋଧ) ଦିନମାନଙ୍କରେ ମୁଁ ଏକ ସ୍ୱପ୍ନ ଦେଖିଲି ଯେ, ୟସ୍ରବ୍ (ମଦିନା) ଆଡୁ ଏକ ଚନ୍ଦ୍ର ଆସିଛି ଏବଂ ମୋ କୋଳରେ ଖସି ପଡ଼ିଛି । ମୁଁ ଉକ୍ତ ସ୍ୱପ୍ନ ସଂପର୍କରେ ଯେତେବେଳେ ନିଜର ସ୍ୱାମୀ କିନାନାକୁ କହିଲି ସେତେବେଳେ ସେ ମୋର ମୁଖ ମଣ୍ଡଳ ଉପରେ ଅର୍ଥାତ୍ ମୋ ଗାଲରେ ଏକ ଜୋର୍‌ଦାର ଚାପୁଡ଼ା ମାରିଲା  ଏବଂ କହିଲା, ହେ ପତ୍ନି ତୁମେ ୟସ୍ରବ୍‌ର ସେହି ସମ୍ରାଟ୍ ଅର୍ଥାତ୍ ମୁହମ୍ମଦ୍ ସ.ଅଙ୍କ ସହିତ ବିବାହ କରିବାର ସ୍ୱପ୍ନ ଦେଖୁଛ । **(ସିରତୁଲ୍ ହଲବିୟାହ୍, ଭାଗ-3, ପୃ-65, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(ସିରତ୍ ଇବ୍‌ନେ ହିଶ୍ଶାମ୍, ପୃ-698, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ, ବୈରୁତ୍) (ଦାଏରା ମୁଆରିଫ୍, ସିରତ୍ ମୁହମ୍ମଦ ସ.ଅ, ଭାଗ-8, ପୃ-423-424, ବଜ୍‌ମେ ଇକ୍‌ବାଲ୍ ଲାହୋର୍) (ଉସ୍‌ଦୁଲ୍ ଗାବା, ଭାଗ-2, ପୃ-121, 123, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ନଜାହୁଲ୍ କାରି, ଶରହ୍ ବୁଖାରୀ, ଭାଗ-13, ପୃ-551, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ସିରତୁନ୍ ନବୀ ସ.ଅ, ଲେଖକ-ସଲାବୀ, ପୃ-281, ଦାରୁସ୍ ସଲାମ୍) ଇମ୍‌ତାଅଲ୍ ଇସ୍‌ମାଆ, ଭାଗ-10, ପୃ-56, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, କେତେକ ବର୍ଣ୍ଣନାନୁଯାୟୀ ଉକ୍ତ ସ୍ୱପ୍ନଟି ବହୁତ ପୁରୁଣା ସ୍ୱପ୍ନ ଥିଲା ଏବଂ ତାଙ୍କର ଅର୍ଥାତ୍ ହ. ସଫିୟା ର.ଅଙ୍କ ପିତା ହୁୟଇ ହ. ସଫିୟା ର.ଅଙ୍କ ଗାଲରେ ଚାପୁଡ଼ା ମାରିଥିଲା । କିନ୍ତୁ ଅନେକ ପୁସ୍ତକରେ ଏହା ହିଁ ଉଲ୍ଲେଖ ରହିଛି ଯେ, ତାଙ୍କର ସ୍ୱାମୀ ଅର୍ଥାତ୍ ହ. ସଫିୟା ର.ଅଙ୍କ ସ୍ୱାମୀ ହ. ସଫିୟା ର.ଅଙ୍କ ଗାଲରେ ଚାପୁଡ଼ା ମାରିଥିଲା । ଏହା ହିଁ ଅଧିକ ଯୁକ୍ତିଯୁକ୍ତ ଓ ବିବେକ ନକଟବର୍ତ୍ତୀ ଅଟେ ।

ହ. ସଫିୟା ର.ଅଙ୍କ ନାମ ଜୈନବ୍ ଥିଲା । କିନ୍ତୁ ମାଲେ ଗନିମତ୍ ବଣ୍ଟା ହେବା ପୂର୍ବରୁ ଆପଣ ସ.ଅ ତାଙ୍କୁ ଧରି ମୁକ୍ତ କରି ଦେଇଥିଲେ ଏବଂ ସେତେବେଳର ପ୍ରଥାନୁଯାୟୀ ମାଲେ ଗନିମତ୍ ବଣ୍ଟା ହେବା ପୂର୍ବରୁ ଯେଉଁ ଧନ ସର୍ଦ୍ଦାରଙ୍କ ନିମନ୍ତେ ଉଦ୍ଦିଷ୍ଟ ହୋଇଥିବା ତାହାକୁ ସଫିୟା କିମ୍ବା ଅସ୍ ସଫ୍ଫା କୁହାଯାଉଥିଲା । ସେହି ଦୃଷ୍ଟିରୁ ତାଙ୍କର ନାମ ସଫିୟା ବିଖ୍ୟାତ ହୋଇଗଲା । ହ. ସଫିୟା ର.ଅ 50 ହିଜ୍ରୀରେ ହ. ଅମୀର୍ ମୁଆୱିୟାହ ର.ଅଙ୍କ କାଳରେ ମୃତ୍ୟୁ ବରଣ କରିଥିଲେ ଏବଂ ଜନ୍ନତୁଲ୍ ବକି ଠାରେ ଆପଣ ର.ଅଙ୍କୁ କବର ଦିଆଯାଇଥିଲା । **(ସିରତୁନ୍ ନବୀ ସ.ଅ, ଲେଖକ-ଶିବଲୀ ନୁମାନୀ, ଭାଗ-2, ପୃ-709-710, ମକ୍‌ତବା ଇସ୍‌ଲ୍‌ମିୟାହ) (ଶରହୁଜ୍ ଜର୍କାନୀ, ଭାଗ-3, ପୃ-269, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ, ବୈରୁତ୍)**

ହ. ସଫିୟା ର.ଅଙ୍କ ବିବାହ ଉପରେ ମଧ ପ୍ରାଚ୍ୟତତ୍ତ୍ୱବିତ୍‌ମାନେ କଟାକ୍ଷ ଓ ସମାଲୋଚନା କରିଥାଆନ୍ତି ଏବଂ ନିଜର ଅଭ୍ୟାସ ମୁତାବକ ହ. ସଫିୟା ର.ଅଙ୍କ ବିବାହ ଉପରେ କେତେକ ପ୍ରାଚ୍ୟତତ୍ତ୍ୱବିତ୍‌ମାନେ ଆପତ୍ତି କରିଥାଆନ୍ତି । ଏହା ସେହି ପ୍ରାଚ୍ୟତତ୍ତ୍ୱବିତ ଓ ଆପତ୍ତିକାରୀଙ୍କ ନିଜସ୍ୱ ତଥା ବ୍ୟକ୍ତିଗତ ମୂର୍ଖତା, ଅଶିକ୍ଷିତତା ଓ ବୈଦ୍ୱେଷର ପ୍ରମାଣ ଅଟେ । ଉଦାହରଣ ସ୍ୱରୂପ ଇନ୍‌ସାଇକ୍ଲୋ ପିଡ଼ିୟା ବ୍ରିଟାନିକାର ନବମ ସଂସ୍କରଣରେ Muhammadanism ଅନୁଯାୟୀ ଉଲ୍ଲେଖ ରହିଛି ଯାହାର ଅନୁବାଦ ଏହିପରି ଯେ, ସେହି ସଫଳତମ ଯୁଦ୍ଧର ଶେଷ ପରିଣାମ ସମ୍ରାଟ୍‌ର କନ୍ୟା ସହିତ ମୁହମ୍ମଦ ସ.ଅଙ୍କ ବିବାହ ଥିଲା । ହ. ସଫିୟା ର.ଅଙ୍କୁ ଏପରି ବ୍ୟକ୍ତି ଠାରୁ ଟିକେ ହେଲେ ବି ଘୃଣା ଅନୁଭୂତ ହେଲା ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ ଉକ୍ତ କଥା ପ୍ରାଚ୍ୟତତ୍ତ୍ୱବିତ୍ ଲେଖୁଛି ଯେ, ସଫିୟାର ପିତା ହୁୟଇ ଓ ତା'ର ସ୍ୱାମୀ କିନାନାର ବଧର କାରଣ ଥିଲା । ତାହା ନୁହଁ ବରଂ ଅତ୍ୟନ୍ତ ଅତ୍ୟନ୍ତ ଭବ୍ୟ ଢଙ୍ଗରେ ସେ ଅର୍ଥାତ୍ ହ. ସଫିୟା ର.ଅ ଆଁହଜରତ୍ ସ.ଅଙ୍କ ନୂତନ ରଙ୍ଗରେ ନିଜକୁ ରଙ୍ଗୀନ୍ କରିନେଲା ଅର୍ଥାତ୍ ଆଁହଜରତ ସ.ଅଙ୍କ ପତ୍ନି ହୋଇଗଲା । ଏହାଠୁ ବି ଅଧିକ ପ୍ରଶଂସା ଅନ୍ୟ ଇହୁଦୀ ମହିଳା ଯାହାର ନାମ ଜୈନବ୍ ଥିଲା ତା'ର କାର୍ଯ୍ୟଶୈଳୀ ଅତି ପ୍ରଶଂସନୀୟ ଥିଲା । ସେହି ମହିଳା ନିଜ ଜାତିର ହତ୍ୟାକାରୀ (ହ. ମୁହମ୍ମଦ୍ ସ.ଅ)କୁ ବିଷ ଦେବା ନିମନ୍ତେ ଉଦ୍ୟମ କରିଥିଲା ଏବଂ ଏହି ଅପରାଧରେ ଦଣ୍ଡ ସ୍ୱରୂପ ତା'କୁ ନିଜର ପ୍ରାଣ ଦେବାକୁ ପଡ଼ିଥିଲା । ଉକ୍ତ ଉଦ୍ୟମଟି ଯଦିଓ ପଣ୍ଡ ହୋଇଗଲା । କିନ୍ତୁ ଏହା କୁହାଯାଏ ଯେ, ମୁହମ୍ମଦ ସ.ଅ ନିଜର ଶେଷ ରୋଗାବସ୍ଥାରେ ମଧ ଉକ୍ତ ବିଷର ପ୍ରଭାବ ଅନୁଭବ କରୁଥିଲେ । ଅର୍ଥାତ୍ ହ. ସଫିୟା ର.ଅଙ୍କୁ କଟାକ୍ଷ କରି ପ୍ରାଚ୍ୟତତ୍ତ୍ୱବିତ୍ ଉଲ୍ଲେଖ କରନ୍ତି ଯେ, ତା'ର ଅର୍ଥାତ୍ ହ. ସଫିୟା ର.ଅଙ୍କ ପିତା ଓ ସ୍ୱାମୀ ନିହତ ହେଲେ । ଏହା ଉଚିତ୍ ଥିଲା କି ସେ ନିଜର ସ୍ୱାଭିମାନ ପ୍ରଦର୍ଶନ କରି ଥାଆନ୍ତା (ଅର୍ଥାତ୍ ହ. ସଫିୟା ର.ଅ ନିଜର ସ୍ୱାଭିମାନ ପ୍ରଦର୍ଶନ କରିଥାଆନ୍ତେ) ଓ ଏହାର ପ୍ରତିଶୋଧ ନେଇଥାଆନ୍ତେ । କିନ୍ତୁ ସେ ନିଜର ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ମୁହମ୍ମଦ୍ ସ.ଅଙ୍କ ସହିତ ବିବାହ କରିନେଲା । ଏହାର ବିପରୀତ ଅନ୍ୟ ଇହୁଦୀ ମହିଳା ଯିଏ ଆଁହଜରତ ସ.ଅଙ୍କୁ ବିଷ ଦେଇଥିଲା ସେହି ମହିଳାର ଉକ୍ତ ପ୍ରାଚ୍ୟତତ୍ତ୍ୱ ତଥା ସମାଲୋଚକ ପ୍ରଶଂସା କରୁଛି ଯେ, ସେହି ମହିଳା ଅର୍ଥାତ୍ ଜୈନବ୍ ଯିଏ ମୁହମ୍ମଦ୍ (ସ.ଅ)ଙ୍କୁ ବିଷ ଦେଇଥିଲା ସେ ନିଜର ସ୍ୱାଭିମାନ ପ୍ରଦର୍ଶ କଲେ ଏବଂ ଆପଣ ସ.ଅଙ୍କୁ ମାରିବା ନିମନ୍ତେ ଉଦ୍ୟମ କଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହି ପ୍ରାଚ୍ୟତତ୍ତ୍ୱବିତ୍ ଲେଖମାନଙ୍କର ଇସ୍‌ଲାମ୍ ଧର୍ମ ଓ ଇସ୍‌ଲାମ୍ ଧର୍ମର ସଂସ୍ଥାପକ ହ. ମୁହମ୍ମଦ ସ.ଅଙ୍କ ସହିତ ବିଦ୍ୱେଷ ଓ ଶତ୍ରୁତାର କୌଣସି ସୀମା ନଥିଲା । ସେମାନେ ଏତିକି ବି ଭାବୁ ନାହାନ୍ତି ଯେ, ବୁଦ୍ଧି ଓ ବିବେକୀ ବ୍ୟକ୍ତି ଏହି ଲେଖନୀରୁ କେଉଁ ପରିଣାମ ଆହରଣ କରି ପାରିବ ? ସେମାନଙ୍କର ଲେଖନୀରୁ ଈର୍ଷା, ବିଦ୍ୱେଷ ଓ ଶତ୍ରୁତାର ବିଷ ସ୍ୱତଃସ୍ଫୃତଃ ବାରି ହୋଇପଡ଼େ । ସେମାନେ ନ୍ୟାୟକୁ ବିନିଯୋଗ କରୁ ନାହାନ୍ତି ।

ଖୈବରର ଇହୁଦୀମାନଙ୍କର ଆଁହଜରତ ସ.ଅଙ୍କ ସହିତ ଘମାଘୋଡ଼ ଯୁଦ୍ଧ ହୋଇଥିଲା । ପୁନଶ୍ଚ ସେମାନେ ଅତି ଶୋଚନୀୟ ଭାବରେ ପରାଜୟ ବରଣ କରିଥିଲେ । ଏତଦ୍‌ପେର ସେମାନଙ୍କ ସହିତ କେଉଁ ଆଚରଣ ପ୍ରଦର୍ଶନ କରାଯିବା ଉଚିତ୍ ଥିଲା ? ଉକ୍ତ ଯୁଦ୍ଧ ନୀତି ସେହି କାଳରେ ହେଉ ଅବା ସାଂପ୍ରତିକ କାଳର ଶିଷ୍ଟାଚାର ଓ ସଭ୍ୟ ସମାଜର ହେଉ ପଛେ ତଦନୁଯାୟୀ ଯଦି ସେମାନଙ୍କୁ ସମସ୍ତଙ୍କୁ ଖଡ୍‌ଗ ଦ୍ୱାରା ସ୍କନ୍ଧଚ୍ୟୁତ ବି କିରିଦିଆଯାଏ ତେବେ ମଧ ଏହା ଉଚିତ୍ ଥିଲା । ସେମାନଙ୍କ ବାଇବେଲ୍ ଅନୁଯାୟୀ ମଧ ଏବଂ ସେତେବେଳର ନିୟମ କାନୁନ୍ ତଥା ପନ୍ଥାନୁଯାୟୀ ଏସବୁ କାର୍ଯ୍ୟାନୁଷ୍ଠାନ ବୈଧ ଓ ଉଚିତ୍ ଥିଲା । କିନ୍ତୁ ଅତ୍ୟାଚାରୀମାନଙ୍କ ଉପରେ ନିୟନ୍ତ୍ରଣ ପ୍ରାପ୍ତ କରିବା ପରେ ଆଁହଜରତ ସ.ଅ ଅସୀମ ଦୟା ଓ କ୍ଷମା ତଥା ବିନମ୍ରତାମୂଳକ ଆଚରଣ ପ୍ରଦର୍ଶନ କଲେ ତାହାର କୌଣସି ଚର୍ଚ୍ଚା କଥା ଛାଡ଼ ବରଂ ଏହି ପ୍ରାଚ୍ୟତତ୍ତ୍ୱବିତ୍ ସମାଲୋଚକମାନେ ଆଁହଜରତ ସ.ଅଙ୍କ ଦୟା, କ୍ଷମା ଓ ବିନମ୍ରତାମୂଳକ ଆଚରଣର ପ୍ରଶଂସା ମଧ କରନ୍ତି ନାହିଁ । ପୁନଶ୍ଚ ସେମାନଙ୍କର ସନ୍ଧିର ନିବେଦନକୁ ସ୍ୱୀକାର କରି ଆଁହଜରତ ସ.ଅ ସେମାନଙ୍କୁ ମାତୃଭୂମିରୁ ନିର୍ବାସିତ ନକରିବାର ସର୍ତ୍ତକୁ ଆପଣ ସ୍ୱୀକାର କରି ସେମାନଙ୍କୁ କ୍ଷମା ପ୍ରଦାନ କରିଦେଲେ। ପୁନଶ୍ଚ ଏହାଠୁ ବି ଅଧିକ ଯେତେବେଳେ ସେହି ଇହୁଦୀମାନେ ଏହି ନିବେଦନ କଲେ ଯେ, ହେ ଅବୁଲ୍ କାସିମ୍ (ଅର୍ଥାତ୍ ଆଁହଜରତ ସ.ଅ) ଆପଣ ଆମକୁ ରାଜ୍ୟରୁ

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

**(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )**

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ନିର୍ବାସିତ କରନ୍ତୁ ନାହିଁ ବରଂ ଆମମାନଙ୍କୁ ଏଠାରେ ଆପଣ ସ.ଅ ରହିବାକୁ ରହିବାକୁ ଦିଅନ୍ତୁ । ଆମେମାନେ ବିଲବାଡ଼ି ତଥା କୃଷି କାର୍ଯ୍ୟ ଜାରି ରଖିବୁ ଓ କୃଷିରୁ ଉତ୍ପାଦିତ ଶସ୍ୟର ଅର୍ଦ୍ଧାଂଶ ଆପଣ ସ.ଅଙ୍କୁ ଦେଇଦେବୁ । ଅର୍ଥାତ୍ ଆପଣ ସ.ଅ ଆମମାନଙ୍କୁ ଠାରୁ କୃଷିରୁ ଉତ୍ପନ୍ନ ଶସ୍ୟର ଅର୍ଦ୍ଧାଂଶ ନେଇ ନିଅନ୍ତୁ । ଆପଣ ସ.ଅ ସେମାନଙ୍କର ଉକ୍ତ ନିବେଦନକୁ ସ୍ୱୀକାର କରିନେଲେ ଓ ଶାନ୍ତି ଓ ମୈତ୍ରୀର ଏକ ଚୁକ୍ତି ଧାର୍ଯ୍ୟ (ସ୍ଥିରୀକୃତ) ହେଲା । କିନ୍ତୁ ବର୍ତ୍ତମାନ ଉକ୍ତ ଚୁକ୍ତିର କାଳୀ (INK) ବର୍ତ୍ତମାନ ଶୁଷ୍କ (ଶୁଖି) ହୋଇ ନଥିଲା କି ସେହି ଲୋକମାନେ ଷଡ଼ଯନ୍ତ୍ର କରି ଜଣେ ମହିଳା ମାଧ୍ୟମରେ ଆପଣ ସ.ଅଙ୍କୁ ବିଷ ଦେବା ନିମନ୍ତେ ଉଦ୍ୟମ କଲେ ଏବଂ ସେହି ମହିଳା ନିଜର ଦୋଷକୁ ସ୍ୱୀକାର ମଧ୍ୟ କରିନେଲା । ଯେପରିକି ମୁଁ ବର୍ତ୍ତମାନ ଉପରୋକ୍ତରେ ବର୍ଣ୍ଣନା କରି ଆସିଛି । ଆଜିର ସଭ୍ୟ ଜଗତର ସଭ୍ୟ ଲକୋମାନେ ନିଜକୁ ଶିକ୍ଷିତ ବୋଲି କୁହନ୍ତି, ସେମାନେ ଏପରି ଚୁକ୍ତି ଭଙ୍ଗକାରୀ ମହିଳାକୁ ଏକ ଜାତୀୟ ନାୟିକା ରୂପେ ଉପସ୍ଥାପିତ କରୁଛନ୍ତି । ଯେଉଁ ମହିଳା ସତ୍ୟତାକୁ ପାଇ ଆଁହଜରତ ସ.ଅଙ୍କ ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତାର ସ୍ୱୟଂ ଅବୋଲକନ କରି ସତ୍ୟତାକୁ ସ୍ୱୀକାର କରିନେଲା ଏବଂ ସ୍ୱାଧୀନତାର ଲିଖିତ ଆଦେଶପତ୍ର ପ୍ରାପ୍ତ ସତ୍ତ୍ୱେ ଉକ୍ତ କଥାକୁ ଅଗ୍ରାଧିକାର ଦେଲା ଯେ, ସେ ଆପଣ ସ.ଅଙ୍କ ସହିତ ରହିବେ । ସେହି ମହିଳା ଅର୍ଥାତ୍ ହ. ସଫିୟା ର.ଅଙ୍କ ଉପରେ ଏହି ପ୍ରାଚ୍ୟତତ୍ତ୍ୱବିତ୍ ସମାଲୋଚକ ତଥା ଧର୍ମଦ୍ୱେଷୀମାନେ କଟାକ୍ଷ ଓ ବ୍ୟଙ୍ଗ ବିଦ୍ରୂପ କରନ୍ତି । ଅର୍ଥାତ୍ ସେତେବେଳେ ତ' ବ୍ୟକ୍ତିଗତ ସ୍ୱାଧୀନତା ଏବଂ ନ୍ୟାୟର ସମସ୍ତ ନୀତି ନିୟମକୁ ପାସୋରି ବସନ୍ତି। ପୁନଶ୍ଚ ଏହିପରି ଭାବରେ ଅନ୍ୟ କେତେକ ଆପତ୍ତିକାରୀମାନେ ଆଁହଜରତ ସ.ଅ ଓ ହ. ସଫିୟା ର.ଅଙ୍କ ଉପରେ ଆପତ୍ତି କରି ଥାଆନ୍ତି ଏବଂ ଅତ୍ୟନ୍ତ କୁତ୍ସିତ ଢଙ୍ଗରେ ଆପତ୍ତି କରନ୍ତି ଯେ, ଆଁହଜରତ ସ.ଅ ଯେତେବେଳେ ହ. ସଫିୟା ର.ଅଙ୍କ ସୌନ୍ଦର୍ଯ୍ୟ କଥା ହ. ଦହିୟାହ୍ ର.ଅଙ୍କ ଠାରୁ ଶୁଣିଲେ ସେତେବେଳେ ଆପଣ ସ.ଅ ସ୍ୱୟଂ ହ. ସଫିୟା ର.ଅଙ୍କୁ ହ. ଦହିୟାଙ୍କ ଠାରୁ ମାଗିନେଲେ ଏବଂ ସ୍ୱୟଂ ତାଙ୍କ (ହ. ସଫିୟା ର.ଅଙ୍କ) ସହିତ ବିବାହ କରିନେଲେ ଇତ୍ୟାଦି ଇତ୍ୟାଦି । ବାସ୍ତବରେ ଉକ୍ତ ଆପତ୍ତି ତ' ନିଜର ବୌଦ୍ଧିକ ସ୍ଖଳନ ଯୋଗୁଁ ଆପତ୍ତିକାରୀମାନେ କରି ଥାଆନ୍ତି । ଅନ୍ୟ ଆପତ୍ତିକାରୀମାନେ ଆଁହଜରତ ସ.ଅଙ୍କ ଜିବୀନ ଓ ଆପଣ ସ.ଅଙ୍କ ଚରିତ୍ରକୁ ନବୁଝିବା ଦ୍ୱାରା ବୈଦ୍ଧିକ ସ୍ଖଳନ ମଧ୍ୟ ହୋଇଛି। ସେହି ଲୋକମାନଙ୍କର ହୃଦୟରେ ବିଦ୍ୱେଷାଭାବ ପରିପୂର୍ଣ୍ଣ ହୋଇଯାଇଛି । ଯଦି ଏହି ଲୋକମାନେ ନ୍ୟାୟ ଦୃଷ୍ଟିରୁ ଏବଂ ପବିତ୍ର ହୃଦୟର ସହିତ ଦେଖନ୍ତି ତେବେ ସେମାନେ କଦାପି ଏପରି ଚିନ୍ତାଧାରା ପ୍ରକଟ କରିବେ ନାହିଁ କି ମନ ଭିତରେ ଏପରି କୁତ୍ସିତ ଚିନ୍ତାଧାରା ମଧ୍ୟ ପୋଷଣ କରିବେ ନାହିଁ । ଆପଣ ସ.ଅଙ୍କର ଅତିବାହିତ ହୋଇଥିବା ଜୀବନ ଉପରେ ଯଦି ଦୃଷ୍ଟିପାତ କରାଯାଏ ତେବେ ପବିତ୍ର କୁରଆନ୍ କରୀମ୍ ମଧ୍ୟ ଅତ୍ୟନ୍ତ ସୁନ୍ଦର ଢଙ୍ଗରେ ଧ୍ୟାନ ଆକର୍ଷଣ କରିଥାଏ ଯେ, فَقَدْ لَبِثْتُ فِيْكُمْ عُمُرًا مِّنْ قَبْلِهٖ اَفَلَا تَعْقِلُوْنَ **(ୟୁନୁସ୍: 17)**ବସ୍ତୁତଃ ଆମ୍ଭେ ଏଥିପୂର୍ବରୁ ତୁମମାନଙ୍କ ସହିତ ଜୀବନର ଏକ ଦୀର୍ଘ ସମୟ ଅତିବାହିତ କରିଅଛୁ ତଥାପି କ'ଣ ତୁମେମାନେ ବୁଝିପାରୁ ନାହଁ ?

ନବୀ କରୀମ୍ ସ.ଅ ନିଜର ସମଗ୍ର ଯୌବନ ଏବଂ ଯୁବକାସବସ୍ଥା କିପରି ଅତିବାହିତ କଲେ ସେହି ଜାତିରେ ଯେଉଁଠି ମଦ୍ୟ (ମଦ ଓ ସୁରା)ର ସଭା ସର୍ବ ସାଧାରଣ ନଥିଲା ବରଂ ଅହଂକାର ଆତ୍ମବଡ଼ିମା ପରିପ୍ରକାଶ ପୂର୍ବକ ଏହାର ଚର୍ଚ୍ଚା କରାଯାଉଥିଲା । ଆପଣ ସ.ଅ ନିଜର ସମଗ୍ର ଜୀବନ ଓ ଯୌବନ (ଯୁବାବସ୍ଥା) ଜଣେ ବିଧବା ସମ୍ମାନସ୍ୱଦ, ମର୍ଯ୍ୟାଦାଶୀଳା ମହିଳା ସହିତ ବିବାହ କରି ଜୀବନ ଅତିବାହିତ କଲେ ଓ ଉଣା ଅଧିକେ 50 ବର୍ଷ ପର୍ଯ୍ୟନ୍ତ ସେହି ବିଧବା ମହିଳା ସହିତ ଆପଣ ସ.ଅ ଜୀବନ ଅତିବାହିତ କଲେ । ଯେପରିକି ଇତିହାସରୁ ପ୍ରମାଣତି ଯେ, କୁରୈଶ୍‌ର ଅଧିପତିମାନେ ସ୍ୱୟଂ ଆପଣ ସ.ଅଙ୍କ ସମ୍ମୁଖରେ ଅତି ସୁନ୍ଦର ମହିଳାମାନଙ୍କର ପ୍ରସ୍ତାବ ଉପସ୍ଥାପିତ କଲେ । କିନ୍ତୁ ଆପଣ ସ.ଅ ସେମାନଙ୍କର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଲେ । ଆଁହଜରତ ସ.ଅଙ୍କ ଯୁବାବସ୍ଥାର ଦିନ, ବର୍ଷ ଓ ମାସ ଉକ୍ତ କଥାର ଜ୍ୱଳନ୍ତ ପ୍ରମାଣ ଯେ, ଆପଣ ସ.ଅଙ୍କୁ **ନାଉଜୁବିଲ୍ଲାଃ** (ଅଲ୍ଲାଃତାଲାଙ୍କ ଶରଣ ଭିକ୍ଷା କରୁଛୁ) ବିବାହ, ଭୋଗ ବିଳାସ ସହିତ ଆପଣ ସ.ଅଙ୍କର କୌଣସି ସଂପର୍କ ନଥିଲା। ଆପଣ ସ.ଅ ପରବର୍ତ୍ତୀ ସମୟରେ ଯେଉଁ ବିବାହ କଲେ ତା'ର ଏକ ତାତ୍ତ୍ୱିକ ରହସ୍ୟ ରହିଥିଲା ଯେ, ବିରୋଧୀ ଜାତି ତଥା ବିରୋଧୀ ସଂପ୍ରଦାୟର ମଧ୍ୟରେ ସନ୍ଧି, ଶାନ୍ତି, ମୈତ୍ରୀ ଓ ପ୍ରୀତି, ପ୍ରେମ, ଭ୍ରାତୃତ୍ୱବୋଧର ସଂପର୍କ ସୃଷ୍ଟି ହେଉ ଏବଂ ବିଶ୍ୱାସ ଓ ଭରସାର ବାତାବରଣ ସୃଷ୍ଟି ହେଉ । ଯେପରିକି ବନୁ ମୁସ୍ତଲିକ୍‌ର ଅଧିପତି ହାରିସ୍‌ର କନ୍ୟା ଜୁୱୈରିୟା ସହିତ ଆପଣ ସ.ଅ ବିବାହ କରିଥିଲେ । ସେହିପରି ଆପଣ ସ.ଅ କୁରୈଶ୍‌ର ଅଧିପତି ଅବୁ ସୁଫିୟାନ୍‌ର କନ୍ୟା ଉମ୍ମେ ହବିବା ସହିତ ମଧ୍ୟ ଆପଣ ସ.ଅ ବିବାହ କରିଥିଲେ ।

ସେହିପରି ଯେତେବେଳେ ଖୈବର୍ ଜୟ ହେଲା ସେତେବେଳେ ଆପଣ ସ.ଅ ସେହି ଜାତିର ଅଧିପତିଙ୍କର ପତ୍ନି, ପୁତ୍ରୀମାନଙ୍କୁ ଦାସୀ ରୂପେ ଅନ୍ୟ ହାତରେ ଟେକି ଦିଆଯାଇ ଥାଆନ୍ତା । ଅଧିପତିର  ତିରସ୍କାର କରାଯାଇ ଥାଆନ୍ତ । ଆଁହଜରତ ସ.ଅ ଯିଏ ଆଧ୍ୟାତ୍ମିକ ସଂସାରର ସମ୍ରାଟ୍ ଥିଲେ ଓ ମଦିନା ପ୍ରଦେଶର ମଧ୍ୟ ଆପଣ ସମ୍ରାଟ୍ ଥିଲେ । ତେଣୁ ଆପଣ ସ.ଅ ସର୍ବ ପ୍ରଥମେ ହ. ସଫିୟା ର.ଅଙ୍କୁ ମୁକ୍ତ କଲେ ଏବଂ ତାଙ୍କ ପ୍ରତି ସମ୍ମାନି ପ୍ରଦର୍ଶନ କଲେ । ପୁନଶ୍ଚ ତାଙ୍କୁ ନିଜ ପରିବାର ବର୍ଗ ଆଡ଼କୁ ଯିବା ନିମନ୍ତେ ପ୍ରସ୍ତାବ ଦେଲେ ଓ ହ. ଉମ୍ମେ ସଫିୟା ର.ଅଙ୍କ ମର୍ଯ୍ୟାଦା ଓ ଗାରିମାକୁ ଆହୁରି ବୃଦ୍ଧି କରି କହିଲେ, ହେ ସଫିୟା ! ଯାଅ ତୁମେ ନିଜ ପରିବାର ବର୍ଗ ଆଡ଼କୁ ଫେରିଯାଅ । ଏତଦ୍‌ପରେ ଆପଣ ସ.ଅ ହ. ସଫିୟା ର.ଅଙ୍କ ସହିତ ବିବାହ କରି ତାଙ୍କୁ ସେହି ମର୍ଯ୍ୟାଦା ପ୍ରଦାନ କଲେ ଯେ, ଆପଣ ର.ଅ (ଅର୍ଥାତ୍ ହ. ସଫିୟା ର.ଅ) ସମଗ୍ର ବିଶ୍ୱାସକାରୀଙ୍କ ମାତା ବୋଲାଇଲେ ଓ ମାତା ରୂପେ ବିବେଚିତ ହେଲେ । ଖାଲି ସେତିକି ନୁହେଁ ବରଂ ହ. ସଫିୟା ର.ଅଙ୍କ ସଂପ୍ରଦାୟ ଏବଂ ବଂଶର ସମ୍ମାନରେ ମଧ୍ୟ ଅଭିବୃଦ୍ଧି ହେଲା ଓ ସମାଜରେ ଶାନ୍ତି, ପ୍ରୀତି ଓ ମୈତ୍ରୀର ଏକ ବାତାବରଣ ସୃଷ୍ଟି ହେଲା । ୱିଲିୟମ୍ ମଣ୍ଟେଗମେରୀ ୱାଟ୍ ସାହେବ ନାମକ ଜଣେ ସ୍କଟିଶ୍ (ସ୍କଟ୍ ଲ୍ୟାଣ୍ଡର ଅଧିବାସୀ) ପ୍ରାଚ୍ୟତତ୍ତ୍ୱବିତ୍ ଇସ୍‌ଲାମ୍ ଧର୍ମ ଏବଂ ନବୀ କରୀମ୍ ସ.ଅଙ୍କ ବିରୁଦ୍ଧରେ ଅତ୍ୟନ୍ତ କଠୋର ମନ୍ତବ୍ୟ ନିଜ ପୁସ୍ତକରେ ପ୍ରଦାନ କରିଛନ୍ତି । ତା'ର ଏକ ପୁସ୍ତକ ନାମ "Muhammad at Medina" ରହିଛି ସେହି ପୁସ୍ତକରେ ବିଦ୍ୱେଷୀ ହେବା ସତ୍ତ୍ୱେ ଆଁହଜରତ ସ.ଅଙ୍କ ବିବାହ ସଂପର୍କରେ ସେ ଉଲ୍ଲେଖ କରିବା ପାଇଁ ବାଧ୍ୟ ଯେ, ଇହୁଦୀମାନଙ୍କର କନ୍ୟା (ଝିଅ) ସଫିୟା ଓ ରିହାନା ସହିତ ଆଁହଜରତ ସ.ଅ ବିବାହ କରିବା ମୁଖ୍ୟ ଉଦ୍ଦେଶ୍ୟ ରାଜନୈତିକ ଗତିବିଧି ହୋଇଥାଇ ପାରେ । ଏହା ନୁହେଁ ଯେ, କୌଣସି ସୌନ୍ଦର୍ଯ୍ୟ କନ୍ୟା ପସନ୍ଦ ଆସିଗଲା ଆଁହଜରତ ସ.ଅଙ୍କୁ । ବରଂ ସେ କହେ କି ରାଜନୈତି ଅଭିପ୍ରାୟ ହୋଇଥାଇ ପାରେ । ଯେଉଁଠି ମୁହମ୍ମଦ୍ ସ.ଅଙ୍କ ବିବାହର ପ୍ରାସଙ୍ଗିକ ସୂଚୀ ରହିଛି ତହିଁରେ ମହିଳାମାନଙ୍କ ସହିତ ପ୍ରସ୍ତାବିତ ବିବାହର ପ୍ରସଙ୍ଗ ମଧ୍ୟ ରହିଛି । ସମ୍ଭବତଃ ଏହାର ମୁଖ୍ୟ ଉଦ୍ଦେଶ୍ୟ ରାଜନୈତିକ ଅଭିପ୍ରାୟ ଥିଲା । ହୁଜୁର ଅନୱର୍ ଅ.ବ କହିଲେ, ଅନ୍ତତଃ ସେହି ସ୍କଟିଶ୍ ପ୍ରାଚ୍ୟତତ୍ତ୍ୱବିତ ଏହା ସ୍ୱୀକାର କରିନେଲା ଯେ, ଆଁହଜରତ ସ.ଅଙ୍କ ଅନ୍ୟ ଧର୍ମାବଲମ୍ବୀ ମହିଳା ଅର୍ଥାତ୍ ଇହୁଦୀ ମହିଳାଙ୍କ ସହିତ ବିବାହର ମୁଖ୍ୟ ଉଦ୍ଦେଶ୍ୟ ହେଲା ରାଜନୈତିକ ଅଭିପ୍ରାୟ। **(Encyclopedia Britannica 9th Edition Vol 16  p.558) (Muhammad At Medina By Montgomery Watt p.288 )**

ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ସାର୍ ୱିଲିୟମ୍ ମିଓର୍ ନାମକ ଜନୈକ ବିଖ୍ୟାତ୍ ପ୍ରାଚ୍ୟତତ୍ତ୍ୱବିତ୍‌ଙ୍କ ହ. ସଫିୟା ର.ଅଙ୍କ ବିବାହ ଉପରେ ଏହିପରି ଆପତ୍ତିର ଉତ୍ତରରେ କୁହନ୍ତି ଯେ, "ମିଷ୍ଟର ମିଓର୍ ସାହେବ ଆପତ୍ତିକ କଲେ । କିନ୍ତୁ ସେ ଜାଣି ନଥିଲେ ଯେ, ଆରବ ଦେଶରେ ଏହି ପ୍ରଥା ରହିଥିଲା ଯେ, ବିଜିତ ଦେଶର ଅଧିପତି କିମ୍ବା ପତ୍ନି ସହିତ ଦେଶରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ସ୍ଥାପନ କରିବା ଓ ସେହି ଦେଶର ପ୍ରତିପତ୍ତିଶାଳୀ ତଥା ଧନୀକ ଓ ମୁଷ୍ଟିମେୟ ଲୋକମାନଙ୍କ ମନରେ ପ୍ରେମ ସୃଷ୍ଟି କରିବା ନିମନ୍ତେ ଆରବ୍ୟମାନେ ବିବାହ କରୁଥିଲେ । ସମସ୍ତ ପ୍ରଜା ଏବଂ ରାଜ ସମ୍ଭ୍ରାନ୍ତ ବଂଶର ଲୋକମାନେ ଆଶ୍ୱସ୍ତ ହୋଇଯାଉଥିଲେ ଯେ, ବର୍ତ୍ତମାନ ଆଉ କୌଣସି ସମସ୍ୟା ଓ ଅସୁବିଧା ହେବ ନାହିଁ । ସୁତରାଂ ଖୈବରର ବିଜୟ ପରେ ସମସ୍ତ ଇହୁଦୀମାନେ ସେହିଠାରେ ହିଁ ରହିବାକୁ ପସନ୍ଦ କଲେ ।"

**(ଖୁତ୍‌ବାତେ ନୁର୍, ପୃ-532)**

ହ. ସଫିୟା ର.ଅଙ୍କ ବିବାହ ସଂପର୍କରେ ଆମମାନଙ୍କର ଜୀବନୀ ଲେଖାଳୀ ଓ ଇତିହାସବିତ୍‌ମାନେ ମଧ୍ୟ ଅସତର୍କତା ଅବଲମ୍ବନ କରିଛନ୍ତି ଏବଂ ପ୍ରମାଦ କରିଛନ୍ତି। ଅର୍ଥାତ୍ ଜୀବନୀ ଲେଖାଳୀମାନେ ଓ ଇତିହାସବିତ୍‌ମାନେ ବିନା ଗବେଷଣା ଓ ତଦନ୍ତ ନକରି ସେହି ବର୍ଣ୍ଣନାଗୁଡ଼ିକୁ ଆହରଣ କରି ଚାଲିଲେ ଯେଉଁ ବର୍ଣ୍ଣନାଗୁଡ଼ିକର କୌଣସି ହାତଗୋଡ଼ ନାହିଁ । ଅର୍ଥାତ୍ କୌଣସି ପ୍ରାମାଣିକତା ନାହିଁ । ଉଦାହରଣ ସ୍ୱରୂପ ଉକ୍ତ ବର୍ଣ୍ଣନା ନ୍ୟୁନାଧିକ ପ୍ରତ୍ୟେକ ଇତିହାସ ଓ ଜୀବନୀ ପୁସ୍ତକରେ ଦେଖିବାକୁ ମିଳିଥାଏ ଯେ, ଆଁହଜରତ ସ.ଅ ହ. ସଫିୟା୍ ର.ଅଙ୍କୁ ପ୍ରଥମେ ହ. ଦହିୟା ର.ଅଙ୍କୁ ହସ୍ତାନ୍ତରେ କରି ଦେଇଥିଲେ । କିନ୍ତୁ ଯେତେବେଳେ ହ. ସଫିୟା ର.ଅଙ୍କ ସୁନ୍ଦରତାର ଚର୍ଚ୍ଚା ଶୁଣିଲେ ସେତେବେଳେ ଆଁହଜରତ ସ.ଅ ହ. ସଫିୟା ର.ଅଙ୍କୁ ଡ଼କାଇଲେ ଏବଂ ନିଜ ନିମନ୍ତେ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ହ. ସଫିୟା ର.ଅଙ୍କୁ ବିଶେଷିତ କରିନେଲେ । ଅର୍ଥାତ୍ ମନୋନୀତ କରିନେଲେ । ଏହି ପ୍ରକାରର ବିଷୟ ବସ୍ତୁ ବୁଖାରୀରେ ମଧ ବର୍ଣ୍ତିତ ହୋଇଛି । ସେହି ବର୍ଣ୍ତନାଟି ଏହିପରି ଯେ, ହ. ଅନସ୍ ର.ଅ ବର୍ଣ୍ତନା କରନ୍ତି: "ଆମେମାନେ ଯେତେବେଳେ ଖୈବର୍ ଠାରେ ପହଞ୍ଚିଲୁ ଓ ଯେତେବେଳେ ଅଲ୍ଲାଃତାଲା ଦୁର୍ଗକୁ ଜୟ କରାଇଦେଲେ ସେତେବେଳେ ସଫିୟା ବିନ୍ ହୁୟଇ ବିନ୍ ଅଖ୍ତବ୍‌ଙ୍କ ସୌନ୍ଦର୍ଯ୍ୟର ଚର୍ଚ୍ଚା ଆପଣ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ କରାଗଲା । ସେ (ହ. ସଫିୟା ର.ଅ) ନବବଧୂ ହିଁ ଥିଲେ କି ତାଙ୍କ ସ୍ୱାମୀଙ୍କର ନିହତ ହେଲା । ଅର୍ଥାତ୍ ବିବାହକୁ ବର୍ତ୍ତମାନ କିଛି କାଳ ବିତି ନଥିଲା କି ଆଁହଜରତ ସ.ଅ ତାଙ୍କୁ ନିଜ ନିମନ୍ତେ ମନୋନୀତ (ବାଛିନେଲେ) କରିନେଲେ ।" ଉକ୍ତ ବର୍ଣ୍ତନାଟି ହେଉଛି ସେହି ବର୍ଣ୍ତନା ଯେଉଁ ବର୍ଣ୍ତନା ସଂକ୍ରାନ୍ତରେ କେତେକ ରୁଗ୍ଣ ମାନସିକତା ରଖୁଥିବା ବ୍ୟକ୍ତିମାନେ ଆପତ୍ତି କରି ଥାଆନ୍ତି ।

ବିଖ୍ୟାତ୍ ଜୀବନୀକାର (ଜୀବନୀ ଲେଖାଳୀ) ଅଲ୍ଲାମା ଶିବ୍‌ଲୀ ନୁମାନୀ ଉକ୍ତ ବର୍ଣ୍ତନାର ଚର୍ଚ୍ଚା କରି ଉଲ୍ଲେଖ କରନ୍ତି ଯେ, ହ. ସଫିୟା ର.ଅଙ୍କ ସଂପର୍କରେ ହଦିସ୍‌ର କେତେକ ପୁସ୍ତକମାନଙ୍କରେ ଉକ୍ତ ଘଟଣା ବର୍ଣ୍ତିତ ହୋଇଛି ଯେ, ଆଁହଜରତ ସ.ଅ ପ୍ରଥମେ ହ. ସଫିୟା ର.ଅଙ୍କୁ ଦହିୟାହ୍ ର.ଅଙ୍କୁ ଦେଇଥିଲେ । ପୁନଶ୍ଚ କେହି ଜଣେ ବ୍ୟକ୍ତି ହ. ସଫିୟା ର.ଅଙ୍କ ସୌନ୍ଦର୍ଯ୍ୟର ଚର୍ଚ୍ଚା ଯେତେବେଳେ ଆଁହଜରତ ସ.ଅଙ୍କ ନିକଟରେ କଲା ସେତେବେଳେ ଆପଣ ସ.ଅ ହ. ସଫିୟା ର.ଅଙ୍କୁ ହ. ଦହିୟାହ୍ ର.ଅଙ୍କ ଠାରୁ ପୁନଃ ମାଗିନେଲେ ଏବଂ ହ. ସଫିୟା ର.ଅଙ୍କ ବଦଳରେ ହ. ଦହିୟାହ୍ ର.ଅଙ୍କୁ 7ଟି ଦାସୀ ଦେଲେ । ବିରୋଧୀମାନେ ଉକ୍ତ ବର୍ଣ୍ତନାକୁ ଅତ୍ୟନ୍ତ ଅସୁନ୍ଦର ଢଙ୍ଗରେ ଉପସ୍ଥାପିତ କରିଛନ୍ତି ଏବଂ ଯେତେବେଳେ ପ୍ରକୃତ ବର୍ଣ୍ତନାରେ ଏତେ କଥା ଉଲ୍ଲିଖିତ ରହିଛି ସେତେବେଳେ ଏହା ପ୍ରକାଶ୍ୟ ଯେ, ବିରୋଧୀମାନେ ତହିଁରୁ କେତେଦୂର ପର୍ଯ୍ୟନ୍ତ ଉପକୃତ ହେବେ ଓ ଏହାକୁ ବିନିଯୋଗ କରିବେ ? ବାସ୍ତବତା ଏହିକି ଯେ, ହ. ସଫିୟା ର.ଅଙ୍କ ଉକ୍ତ ଘଟଣା ହ. ଅନସ୍ ର.ଅଙ୍କ ଠାରୁ ଆହୃତ ତଥା ଉଲ୍ଲିଖିତ ଅଟେ । କିନ୍ତୁ ସ୍ୱୟଂ ହ. ଅନସ୍ ର.ଅଙ୍କର ଅନେକ ବର୍ଣ୍ତନା ରହିଛି ଏବଂ ସେହି ବର୍ଣ୍ତନାଗୁଡ଼ିକ ପରସ୍ପର ଠାରୁ ଭିନ୍ନ ଅଟନ୍ତି । ହ. ଅନସ୍ ର.ଙ୍କ ଠାରୁ ଅନ୍ୟ ଏକ ବର୍ଣ୍ତନା ମଧ ବର୍ଣ୍ତିତ ହୋଇଛି ଯେ, ଯେତେବେଳେ ହ. ସଫିୟା ର.ଅ ଦହିୟା ର.ଅଙ୍କ ଭାଗରେ ଆସିଲେ ସେତେବେଳେ ଲୋକମାନେ ନବୀ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ହ. ସଫିୟା ଖୈବର୍‌ର ଉଚ୍ଚ ସମ୍ଭ୍ରାନ୍ତ ବଂଶୀୟ ସମ୍ମାନିତ (ଅଧିପତିଙ୍କ) ନାରୀ (ପତ୍ନି) ଅଟନ୍ତି । ତେଣୁ ହ. ସଫିୟା ଆପଣ ସ.ଅଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ନିମନ୍ତେ ଯୋଗ୍ୟ ନୁହନ୍ତି । ପ୍ରଥମତଃ ଏପରି କୌଣସି ବର୍ଣ୍ତନା ଯଦି ସଠିକ୍ ଅଟେ ଯେପରିକି ବୁଖାରୀର ଉକ୍ତ ବର୍ଣ୍ତନାଟି ରହିଛି ଯେ, ହ. ସଫିୟା ର.ଅଙ୍କ ସୌନ୍ଦର୍ଯ୍ୟର ପ୍ରଶଂସା କରାଯାଇଥିଲା ତେବେ ସମ୍ଭବତଃ ସାହାବିଙ୍କ ପରବର୍ତ୍ତୀ କୌଣସି ବର୍ଣ୍ତନାକାରୀ ଉକ୍ତ ବର୍ଣ୍ତନାଟିକୁ ବର୍ଣ୍ତନା କରିଦେଇ ଥାଇପାରନ୍ତି ଏବଂ ଉକ୍ତ ଶବ୍ଦ ତାଙ୍କ ପକ୍ଷରୁ ସାମିଲ୍ କରିନିଆ ଯାଇଥିବ । କାରଣ କୌଣସି ସାହାବି ମଧ ନବୀ କରୀମ୍ ସ.ଅଙ୍କ ମର୍ଯ୍ୟାଦା ସଂପର୍କରେ ଏପରି କୌଣସି କଥା ବର୍ଣ୍ତନା କରି ପାରିବ ନାହିଁ । ପ୍ରଥମ ଘଟଣାଟି ଯାହାକୁ କୌଣସି ଏକ ସାହାବି ବର୍ଣ୍ତନା କରିଛନ୍ତି । ପରବର୍ତ୍ତୀ କେତେକ ଲୋକମାନେ ସେହି ବର୍ଣ୍ତନାମାନଙ୍କରେ ସଂସ୍କରଣ କରିଦେଇଛନ୍ତି । କାରଣ ସାହାବି ଆଁହଜରତ ସ.ଅଙ୍କ ମର୍ଯ୍ୟାଦା ସଂପର୍କରେ ଏପରି କୌଣସି କଥା କରିପାରିବ ନାହିଁ ଯଦ୍ଦ୍ୱାରାକି ନବୀ କରୀମ୍ ସ.ଅଙ୍କ ପବିତ୍ର ମର୍ଯ୍ୟାଦାରେ କୌଣସି ପ୍ରକାରର ମର୍ଯ୍ୟାଦାହାନୀ ଓ ମର୍ଯ୍ୟାଦ କ୍ଷୁର୍ଣ୍ଣ ଆଡ଼କୁ ଇଙ୍ଗିତ ହେବା ଅବା ଏହା ମଧ ସମ୍ଭବ ଯେ, ଲୋକମାନେ ନିଜସ୍ୱ ରୂପେ ହ. ସଫିୟା ର.ଅଙ୍କ ସୌନ୍ଦର୍ଯ୍ୟ ସହିତ ତାଙ୍କର ଅନ୍ୟ ବିଶେଷତା ଓ ବଂଶଗତ ମର୍ଯ୍ୟାଦା ତଥା ସମ୍ମାନର ଚର୍ଚ୍ଚା କରିଥିବେ ଓ ବର୍ଣ୍ତନାକାରୀ ସଂକ୍ଷିପ୍ତ ଶବ୍ଦରେ ଯାହାକି ତାକୁ ଅର୍ଥାତ୍ ବର୍ଣ୍ତନାକାରୀକୁ ସ୍ମରଣ (ମନେ ରହିଗଲା) ରହିଗଲା ତାହା ବର୍ଣ୍ତନା କରିଦେଲା । କିନ୍ତୁ ଏକ ଗୁରୁତ୍ୱପୂର୍ଣ୍ଣ ଓ ମୌଳିକ ପ୍ରସଙ୍ଗ ଯେଉଁ ଆଡ଼କୁ ଜୀବନୀକାର (ଜୀବନୀ ଲେଖାଳୀମାନେ) ଦୃଷ୍ଟିପାତ (ଦେଖୁ ନାହାନ୍ତି) ତାହା ଏହିକିଯେ, ଆଁହଜରତ ସ.ଅ ଯେଉଁ ଭବ୍ୟ ମର୍ଯ୍ୟାଦା ଉପରେ ଅବତୀର୍ଣ୍ଣ ଏବଂ ଅଧିଷ୍ଠିତ ଅଟନ୍ତି ତାଙ୍କ ନିମନ୍ତେ କୌଣସି ବ୍ୟକ୍ତି ମଧ୍ୟରେ ମିଳୁଥିବା ଉକ୍ତ ବିଶେଷତା ଏବଂ ସୁଗୁଣ ଏକ ପ୍ରକାରର ପୃଷ୍ଠୀୟ ଓ ପ୍ରାସଙ୍ଗିକ ମର୍ଯ୍ୟାଦାର ରୂପ ରଖନ୍ତି । ଆପଣ ସ.ଅ ଯେତେବେଳେ ବିବାହ ନିଷ୍ପତ୍ତି ନେଲେ ସେତେବେଳେ ମୌଳିକ ଏବଂ ପ୍ରାଥମିକ କାରଣ ଏହା ନଥିଲା ଯାହା ବର୍ଣ୍ତନା କରାଯାଏ । ପ୍ରକୃତ ଓ ମୁଖ୍ୟ କାରଣ ତ' ଐଶୀ ଆଦେଶ ହୋଇଥିବ । ଆପଣ ସ.ଅଙ୍କର ପ୍ରତ୍ୟେକଟି କ୍ରିୟା ପ୍ରତିକ୍ରିୟା ତଥା ଗତିବିଧି ଐଶୀ ଉଦ୍ଦେଶ୍ୟ ବ୍ୟତୀତ ହେଉ ନଥିଲା । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମରେ କୁହନ୍ତି, قُلْ إِنَّ صَلَاتِي وَنُسُكِي وَمَحْيَايَ وَمَمَاتِي لِلَّهِ رَبِّ الْعَالَمِينَ (ଅଲ୍ ଅନ୍‌ଆମ୍:163)ଅର୍ଥାତ୍ ହେ ମୁହମ୍ମଦ୍ ସ.ଅ ! ତୁମ୍ଭେ ସେମାନଙ୍କୁ କୁହ କି "ଆମ୍ଭଙ୍କୁ ଆମ୍ଭର ନମାଜ୍ ଏବଂ ଆମ୍ଭର ତ୍ୟାଗ ତଥା ଆମ୍ଭର ଜୀବନ ଓ ଆମ୍ଭର ମୃତ୍ୟୁ ସମସ୍ତ ଜଗତର ପାଳନକର୍ତ୍ତା ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ ଅଟେ ।" ଯେଉଁ ମହାବତାର ବାର୍ତ୍ତାବହ ତାହାଙ୍କ ଅର୍ଥାତ୍ ଈଶ୍ୱରଙ୍କ ସକାଶେ କାମ କରୁଥାଏ ଏବଂ ଯେଉଁ ମହାବତାରଙ୍କ ପ୍ରତ୍ୟେକ ମୁହୂର୍ତ୍ତ ଈଶ୍ୱର ମାର୍ଗଦର୍ଶନ କରୁଥିଲେ ସେ ପୁଣି ଏତେ ବଡ଼ ନିର୍ଣ୍ଣୟ ସ୍ୱୟଂ କିପରି କରି ପାରିବେ ? ଅତଏବ୍ ଏହି ସମସ୍ତ ବିବାହ ନିଃସନ୍ଦେହ ଐଶୀ ଇଙ୍ଗିତ ଅନୁଯାୟୀ ଆପଣ ସ.ଅଙ୍କ କରିଥିଲେ । ହଁ ସେହି ବିବାହର ପରିଣାମ ଅତ୍ୟନ୍ତ କଲ୍ୟାଣମୟ ତତ୍ତ୍ୱ ସମ୍ବଳିତର ଅଧିକାରୀ ଥିଲା । **(ବୁଖାରୀ କିତାବୁଲ୍ ମୁଗାଜି, ବାବ୍- ଗଜୱତା ଖୈବର, ହଦିସ୍ ନଂ-4211)** **(ସିରତୁନ୍ ନବୀ ସ.ଅ, ଲେଖକ- ଶିବ୍‌ଲୀ ନୁମାନୀ, ଭାଗ-1, ପୃ-283, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ, ବୈରୁତ୍)** **(ବୁଖାରୀ କିତାବୁସ୍ ସଲାତ୍, ବାବ୍- ୟୁଜ୍‌କରୁ ଫିଲ୍ ଫଖଜ୍, ହଦିସ୍ ନଂ-371)**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ନିଜର ପୁସ୍ତକ ଆଇନା କମାଲାତେ ଇସ୍‌ଲାମ୍‌ରେ ବର୍ଣ୍ତନା କରନ୍ତି ଯେ, ଆଁହଜରତ ସ.ଅଙ୍କ ସଂପର୍କରେ ସାହାବାମାନଙ୍କର ନିଃସନ୍ଦେହାତ୍ମକ ଏହି ବିଶ୍ୱାସ ରହିଥିଲା ଯେ, ଆଁହଜରତ ସ.ଅଙ୍କ କୌଣସି କୃତ୍ୟ ଏବଂ କୌଣସି କଥନ ୱହିର (ଐଶୀବାଣୀ) ମିଶ୍ରଣ ଠାରୁ ଶୂନ୍ୟ ନଥିଲା ଅର୍ଥାତ୍ ପୂର୍ଣ୍ଣ ୱହି ହୋଇଥିବ କିମ୍ବା ବିସ୍ତୃତାତ୍ମକ ହୋଇଥିବ ଅବା ଗୁପ୍ତାତ୍ମକ ଅବା ସ୍ପଷ୍ଟ ଓ ଜାଜ୍ୱଲ୍ୟମାନ ହୋଇଥିବ କିମ୍ବା ମିଶ୍ରିତ ହୋଇଥିବ । ଏପର୍ଯ୍ୟନ୍ତକି ଯାହା କିଛି ଆଁହଜରତ ସ.ଅଙ୍କ ବିଶେଷ ପ୍ରସଙ୍ଗ ଓ ଏକାନ୍ତ କଥୋପକଥନାତ୍ମକ ଏବଂ ଗୁପ୍ତାତ୍ମକ କଥା ନିଜର ପତ୍ନିମାନଙ୍କ ସହିତ ଥିଲା । ସେହିପରି ଯେପରି ଖାଦ୍ୟ ପେୟ ଏବଂ ବେଶ ପୋଷାକ ସଂକ୍ରାନ୍ତରେ ଏବଂ ସାମାଜିକ ଆବଶ୍ୟକତାରେ ଦୈନନ୍ଦିନ ପାରିବାରିକ ପ୍ରସଙ୍ଗ ରହିଥିଲା ସମସ୍ତ ପ୍ରସଙ୍ଗ ସେହି ଧାରଣା ଦ୍ୱାରା ଆହାଦିସ୍‌ରେ (ଆଁହଜରତ ସ.ଅଙ୍କ ମୁଖ ନିଃସୃତ ବାଣୀ) ପ୍ରବିଷ୍ଟ କରାଗଲା । କାରଣ ସେହି ସମସ୍ତ କାର୍ଯ୍ୟ ଓ କଥନ ବା ବାଣୀ ପବିତ୍ରାତ୍ମାର ପ୍ରକାଶ ଦ୍ୱାରା ହୋଇଛି । ସୁତରାଂ ଅବୁ ଦାଉଦ୍ ଇତ୍ୟାଦି ହଦିସ୍‌ରେ ଏହା ବିଦ୍ୟମାନ ରହିଛି ଓ ଇମାମ୍ ଅହେମଦ ଇତ୍ୟାଦି କେତେକ ବିଦ୍ୱାନ୍‌ମାନଙ୍କ ଠାରୁ ଓ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର.ଅଙ୍କ ଠାରୁ ବର୍ଣ୍ତନା କରନ୍ତି ଯେ, ଅବ୍‌ଦୁଲ୍ଲା କହିଲେ ଯେ, ମୁଁ ଆଁହଜରତ ସ.ଅଙ୍କ ଠାରୁ ଯାହାକିଛି ଶୁଣୁଥିଲି ତାହାକୁ ମୁଁ (ସାଙ୍ଗେସାଙ୍ଗେ) ଲେଖି ନେଉଥିଲି । କାରଣ ମୁଁ ତାହାକୁ ସୁରକ୍ଷିତ କରିନେବି । ଅତଏବ୍ କେତେକ ଲୋକ (ସାହାବାମାନେ) ମୋତେ ବାରଣ କଲେ ଯେ, ହେ ଅବ୍‌ଦୁଲ୍ଲାଃ ! ତୁମେ ଏପରି କର ନାହିଁ । କାରଣ ରସୁଲୁଲ୍ଲାଃ ସ.ଅ ଜଣେ ମନୁଷ୍ୟ ଅଟନ୍ତି । ଆପଣ ସ.ଅ କେତେବେଳେ କ୍ରୋଧିତ ହୋଇ କଥା କହିଦେଇ ଥାଆନ୍ତି । ତେଣୁ ମୁଁ ଉକ୍ତ କଥା ଶୁଣି ଲେଖିବାରୁ ବିରକ୍ତ ଏବଂ ବିମୁଖ ହୋଇଗଲି ଓ ଉକ୍ତ କଥା ଆଁହଜରତ ସ.ଅଙ୍କ ନିକଟରେ ଚର୍ଚ୍ଚା କଲି । ହ. ମସିହ୍ ମଉଦ୍ ଅ.ସ କୁହନ୍ତି; "ଆଁହଜରତ ସ.ଅ କହିଲେ, ସେହି ସତ୍ତାଙ୍କର ଶପଥ କରି କହୁଛି ଯାହାଙ୍କ ହସ୍ତରେ ମୋର ପ୍ରାଣ ବାୟୁ ରହିଛି । ମୋ ହସ୍ତ (ହାତ) ଦ୍ୱାରା ଯେଉଁ କର୍ମ ସମ୍ପାଦିତ ହୁଏ ସେ ପଛେ ଆଚରଣ ହେଉ ଅବା ଉଚ୍ଚାରଣ ହେଉ ତାହା ସବୁ ଈଶ୍ୱରଙ୍କ ତରଫରୁ ହିଁ ଅଟେ । ଯଦି ଏହା କୁହାଯାଏ ଯେ, ହଦିସ୍‌ର ସେହି ପୁସ୍ତକମାନଙ୍କରେ କେତେକ ପ୍ରସଙ୍ଗ ଆଁହଜରତ ସ.ଅଙ୍କ ଉଦ୍ୟମ ଜନିତ ତ୍ରୁଟିର ମଧ ଚର୍ଚ୍ଚା ରହିଛି । ସୁତରାଂ ଯଦି ଆଁହଜରତ ସ.ଅଙ୍କ ସମସ୍ତ କଥନ ଓ କରଣ ଅର୍ଥାତ୍ ଆଚରଣ ଏବଂ ଉଚ୍ଚାରଣ ଐଶୀବାଣୀ ଥିଲା ତେବେ ସେହିସବୁ ତ୍ରୁଟି କାହିଁକି ହେଲା ? ଅର୍ଥାତ୍ ଆଁହଜରତ ସ.ଅ କାହିଁକି ଐଶୀବାଣୀ ଉପରେ ଅବିଚଳ ରହିଲେ ନାହିଁ ? ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ସୁତରାଂ ଏହାର ଉତ୍ତର ଏହିକି ଯେ, ସେହି ଉଦ୍ୟମଜନିତ ତ୍ରୁଟି ମଧ ଐଶୀବାଣୀର ପ୍ରକାଶରୁ ଦୂରବର୍ତ୍ତୀ ନଥିଲା । ଆଁହଜରତ ସ.ଅ ଅଲ୍ଲାଃତାଲାଙ୍କ ନିୟନ୍ତ୍ରଣରୁ ସଂପୂର୍ଣ୍ଣ ରୂପେ ପୃଥକ୍ ହେଉ ନଥିଲେ। ସୁତରାଂ ଉକ୍ତ ଉଦ୍ୟମଜନିତ ତ୍ରୁଟି ଏହିପରି ଅଟେ ଯେପରିକି ଆଁହଜରତଙ୍କ ସ.ଅ ନମାଜ୍‌ରେ କିଛି ଥର ତ୍ରୁଟି (ଭୁଲ ଭଟକା) ହୋଇଥିଲା । ଉକ୍ତ ତ୍ରୁଟି ଦ୍ୱାରା ଧାର୍ମିକ ସମସ୍ୟା ସୃଷ୍ଟି ହେଉ ନିଥିଲା। ଅତଏବ୍ ସେହିପରି ବେଳେବେଳେ ଉଦ୍ୟମଜନିତ ତ୍ରୁଟି ହେଲା । କାରଣ ଏହି ତ୍ରୁଟି ଦ୍ୱାରା ମଧ ଧର୍ମ ସଂପୂର୍ଣ୍ଣ ହେଲା ଏବଂ କେତେ ଥର ସୂକ୍ଷ୍ମ ସମସ୍ୟା ଏହାରି ମାଧମରେ ସୃଷ୍ଟି ହେଲା ଓ ମାନବଜନିତ ତ୍ରୁଟି ବିଚ୍ୟୁତି ମଧ ସମସ୍ତ ଲୋକମାନଙ୍କ ପରି ନଥିଲା । ବରଂ ପ୍ରକୃତରେ ତାହା ଐଶୀବାଣୀ ପରି ଥିଲା । କାରଣ ଈଶ୍ୱରଙ୍କ ପକ୍ଷରୁ ତାହା ଏକ ବିଶେଷ ବ୍ୟବହାର ବା ପ୍ରୟୋଗ ଥିଲା ଯାହାକି ନବୀଙ୍କ ଅସ୍ତିତ୍ୱ ଉପରେ ପରିବ୍ୟାପ୍ତ ହୋଇ ତାହାଙ୍କୁ ଏପରି ଦିଗ ଆଡ଼କୁ ବୁଲାଇ ଦେଉଥିଲା ଯହିଁରେ ଈଶ୍ୱରଙ୍କ ଅନେକ ରହସ୍ୟ ବା ଭେଦ ରହିଥିଲା । ଅତଏବ୍ ମୁଁ ଉକ୍ତ ଉଦ୍ୟମଜନିତ ତ୍ରୁଟିକୁ ମଧ ଐଶୀବାଣୀ ଠାରୁ ଭିନ୍ନ ବୋଲି ମନେକରୁ ନାହିଁ । କାରଣ ତାହା ଏକ ସାଧାରଣ କଥା ନଥିଲା ଯେ, ଈଶ୍ୱର ସେତେବେଳେ ନିଜର ଅବତାରକୁ ନିଜ ନିୟନ୍ତ୍ରଣ ଏବଂ ନିଜ ଆୟତ୍ତରେ ନେଇ ସାଧାରଣ ରହସ୍ୟ ସକାଶେ ଏକ ଆଲୋକକୁ ତ୍ରୁଟି ଆକାରରେ କିମ୍ବା ଉଦ୍ୟମଜନିତ ତ୍ରୁଟି ଶୈଳୀରେ ପରିପ୍ରକାଶ କରି ଦେଉଥିଲେ । ପୁନଶ୍ଚ ତତ୍‌ସହିତତ ଐଶୀବାଣୀ ଉତ୍ସାହିତ ହୋଇଯାଉଥିଲା । ଯେପରିକି ଏକ ପ୍ରବାହିତ ହେଉଥିବା କ୍ଷୁଦ୍ର ନଦୀର ଜଳକୁ ଏକ ରହସ୍ୟ ନିମନ୍ତେ ଅଟକାଇ ଦିଆଯାଏ ଏବଂ ପୁନଶ୍ଚ ଜଳକୁ ଛାଡ଼ି ଦିଆଯାଇଥାଏ । ଅତଏବ୍ ଏଠାରେ କୌଣସି ବୁଦ୍ଧିମାନ ବ୍ୟକ୍ତି ଏହା କରି ପାରିବ ନାହିଁ ଯେ, କ୍ଷୁଦ୍ର ନଦୀର ଜଳ ଶୁଷ୍କ ହୋଇଗଲା କିମ୍ବା କ୍ଷୁଦ୍ର ନଦୀରୁ ଜଳକୁ ଅପସାରିତ କରିନିଆଗଲା । ଏହି ଅବସ୍ଥା ଅବତାରମାନଙ୍କ କ୍ଷେତ୍ରରେ ଉଦ୍ୟମଜନିତ ତ୍ରୁଟି ରୂପେ ପରିଚିତ । ଅର୍ଥାତ୍ ରୁହୁଲ୍ କୁଦୁସ୍ (ପବିତ୍ରାତ୍ମା) ତ' ଆପଣ ସ.ଅଙ୍କ ଠାରୁ କେବେ ବି ପୃଥକ୍ ହେଉ ନଥିଲା । କିନ୍ତୁ ବେଳେବେଳେ ଈଶ୍ୱର ନିଜର ରହସ୍ୟ ନିମନ୍ତେ ଅବତାରମାନଙ୍କ ବୌଦ୍ଧିକତା, ଅର୍ଥ ଅବବୋଧକୁ ନିଜ ଆୟତ୍ତକୁ ନେଇ ନେଇଥାଆନ୍ତି । ସେତେବେଳେ କୌଣସି ଆଚରଣ ଓ ଉଚ୍ଚାରଣ ଭୁଲ୍ କିମ୍ବା ତ୍ରୁଟି ଆକାରରେ ସେମାନଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ । ସେହି ରହସ୍ୟ ଯାହାର କାମନା କରାଯାଇଛି ତାହା ପ୍ରକଟିତ ହୋଇଯାଇଥାଏ । ସେତେବେଳେ ଐଶୀବାଣୀର କ୍ଷୁଦ୍ର ନଦୀ ଦ୍ରୁତ ବେଗରେ ପ୍ରବାହିତ ହେବା ଆରମ୍ଭ ହୋଇଯାଇଥାଏ ଓ ପ୍ରମାଦ, ତ୍ରୁଟି ମଧ ଭାଗରୁ ଅପସାରିତ କରି ଦିଆଯାଇଥାଏ । ସୁତରାଂ ତା'ର କୌଣସି ଅସ୍ତିତ୍ୱ ନଥିଲା ।"

www.badrqadian.in

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଯୀଶୁଖ୍ରୀଷ୍ଟଙ୍କର ଏକ ଉଦାହରଣ ଦେଇ କୁହନ୍ତି: "ଇସା ଅ.ସ ବା ଯୀଶୁ ଖ୍ରୀଷ୍ଟ ଏକ ଇଞ୍ଜିର୍ (ଡିମିରି) ବୃକ୍ଷ ଆଡ଼କୁ ଧାଇଁଗଲେ। କାରଣ ଆପଣ ତା'ର ଫଳକୁ ସେବନ କରନ୍ତୁ ଏବଂ ରୁହୁଲ୍ କୁଦୁସ୍ ତାଙ୍କ ସାଙ୍ଗରେ ହିଁ ଥିଲା । କିନ୍ତୁ ରୁହୁଲ୍ କୁଦୁସ୍ ହ. ଇସା ଅ.ସଙ୍କୁ ଏହି ସୂଚନା ପ୍ରଦାନ କଲେ ନାହିଁ ଯେ, ବର୍ତ୍ତମାନ ବୃକ୍ଷରେ କୌଣସି ଫଳ ନାହିଁ । ଏସବୁ ସତ୍ତ୍ୱେ ଏହି ସମସ୍ତ ଲୋକମାନେ ଜାଣନ୍ତି ଯେ, ବେଳେବେଳେ (ଯଦାକଦା) କୌଣସି ପ୍ରସଙ୍ଗ ଅନ୍ତର୍ଦ୍ଧାନ ଆଦେଶ ପରିଧି ମଧ୍ୟରେ ହୋଇଥାଏ ।" ସୁତରାଂ ବେଳେବେଳେ କୌଣସି ପ୍ରସଙ୍ଗ ବା ବସ୍ତୁ ହବାର ଥିବ ସେତେବେଳେ ତାହା ଅସମ୍ଭବ (ନହେବା) ପରି ଅଟେ । ଅତଏବ୍ ଯେଉଁ ଅବସ୍ଥାରେ ଆମ୍ଭର ପ୍ରିୟ ମୁନିବ ମୁହମ୍ମଦ ସ.ଅଙ୍କ ପ୍ରାୟ ଦଶ ଲକ୍ଷ ଆଚରଣ ଓ ଉଚ୍ଚାରଣରେ ସଂପୂର୍ଣ୍ଣ ରୂପେ ଐଶୀ ଚମତ୍କାର ଦୃଶ୍ୟମାନ ହୋଇଥାଏ ଏବଂ ପ୍ରତ୍ୟେକ କଥାରେ, ପ୍ରତ୍ୟେକ ଉଠା ବସାରେ, ଆଚରଣ ଓ ଉଚ୍ଚାରଣରେ ରହୁଲ୍ କୁଦୁସ୍‌ର ଜାଜ୍ବଲ୍ୟମାନ ଆଲୋକଶିଖା ଦୃଶ୍ୟମାନ ହୋଇଥାଏ ତାହାହେଲେ ଯଦି ଗୋଟିଏ ଅଧେ କଥାରେ ମାନବଜନିତ କୃତ୍ୟର ଦୁର୍ଗନ୍ଧ ଆସେ ତେବେ ତହିଁରୁ କ'ଣ କ୍ଷତି ହେବ କି ? ବରଂ ଏହା ଆବଶ୍ୟକ ଥିଲା ଯେ, ମାନବଜନିତ ଅଧିକାର ନିମନ୍ତେ ଯେକୌଣସି ସମୟରେ ଏପରି ମଧ୍ୟ ହୋଇଥାଏ । କାରଣ ଲୋକମାନେ ଶିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବାରେ)ରେ ପୀଡ଼ିତ ହୋଇ ନଯାଆନ୍ତୁ।"

**(ଆଇନା କମାଲାତେ ଇସ୍‌ଲାମ୍, ରୁହାନୀ ଖଜାଏନ୍, ଭାଗ-5, ପୃ-112-116)**

ସୁତରାଂ କୌଣସି ହଦିସ୍ କିମ୍ବା ଇତିହାସ ଓ ଜୀବନୀ ପୁସ୍ତକରେ ଆଁହଜରତ ସ.ଅଙ୍କ ଜୀବନୀ ସଂପର୍କିତ ଯେକୌଣସି ବର୍ଣ୍ଣନା ଯେତେବେଳେ ବର୍ଣ୍ଣନା କରାଯାଉଥିବ ସେତେବେଳେ ଉପରୋକ୍ତ ରେ ବର୍ଣ୍ଣିତ ପବିତ୍ର କୁରଆନ୍ କରୀମ୍‌ର ଆୟତ୍ ଯାହାର ମୁଁ ଆବୃତ୍ତି କରିଛି ଯେ, ଅଲ୍ଲାଃତାଲାଙ୍କ ସକାଶେ ଆପଣ ସ.ଅଙ୍କ ସମସ୍ତ କୃତ୍ୟ ଉଦ୍ଦିଷ୍ଟ ଥିଲା । ଉପରୋକ୍ତ ଆୟତ୍‌ର ପ୍ରକାଶରେ ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଲେଖନୀର ପ୍ରକାଶରେ ସେହି ବସ୍ତୁକୁ ଦେଖିବା ଉଚିତ୍ ଏବଂ ପରଖିବା ମଧ୍ୟ ଉଚିତ୍ । ନା କି ଦୋଷାରୋପ କରି ଦିଆଯାଉ ଓ ପ୍ରତ୍ୟେକ ପ୍ରାଚ୍ୟତତ୍ତ୍ୱବିତ୍‌ର ଆପତ୍ତିର କଥାକୁ ସ୍ୱୀକାର କରନିଆଯାଉ ଏବଂ ଏହା ମନେକରି ନିଆଯାଉ କି ଆମେମାନେ ନିରୁତ୍ତର ହୋଇଯାଇଛେ । ଏହା ହେଉଛି ଆଁହଜରତ ସ.ଅଙ୍କ ପବିତ୍ର ଗାରିମା ଏବଂ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବାର ପ୍ରକୃତ କାର୍ଯ୍ୟ । ନା କି କେବଳ ନାରାବାଜି କରିଦେରେ ଆଁହଜରତ ସ.ଅଙ୍କ ପ୍ରକୃତ ମର୍ଯ୍ୟାଦା ସ୍ଥାପିତ ହୋଇଯିବ ନାହିଁ ।

ହୁଜୁର ଅନୱର୍ ଅ.ବ କହିଲେ, ଇନ୍‌ଶାଅଲ୍ଲାଃ ଦୁଇ ଦିନ ପରେ ପବିତ୍ର ରମାଜାନୁଲ୍ ମୁବାରକ୍ ମାସ ଆରମ୍ଭ ହେଉଛି ଅଲ୍ଲାଃତାଲା ଉକ୍ତ ମାସରୁ ଭରପୁର ରୂପେ ଲାଭବାନ୍ ହେବା ନିମନ୍ତେ ଓ ସ୍ୱୀକୃତ ତଥା ଗ୍ରହଣୀୟ ରୋଜା ରଖିବାକୁ ତଥା ଜମାଅତ୍‌ର ପ୍ରତ୍ୟେକ ସଦସ୍ୟବୃନ୍ଦଙ୍କୁ ଅଲ୍ଲାଃତାଲା ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ରୋଜା ନିମନ୍ତେ ଉଦ୍ୟମ ମଧ୍ୟ କରନ୍ତୁ । **ଆମିନ୍** । ହୁଜୁର ଅନ୍‌ୱର୍ ଅ.ବ କହିଲେ, ନମାଜ ଜୁମା ପରେ ମୁଁ ଗୋଟିଏ ନମାଜ୍ ଯନାଜାଃ ଗାଏବ୍ ପଢେଇବି । ଉକ୍ତ ଯନାଜାଃଟି ହେଉଛି ରବ୍‌ୱରା ସ୍ୱର୍ଗତ ଚୌଧୁରୀ ମୁହମ୍ମଦ ଅନ୍‌ୱର୍ ରିୟାଜ୍ ସାହେବଙ୍କର । ଆପଣ ସ୍ୱର୍ଗତ ଚୌଧୁରୀ ଇସ୍‌ଲାମ୍ ସାହେବଙ୍କର ସୁପୁତ୍ର ଥିଲେ । ବିଗତ ଦିନ ତାଙ୍କର ବିୟୋଗ ହୋଇଯାଇଛି । اِنَّا لِلّٰہِ وَاِنَّاۤ اِلَیۡہِ رٰجِعُوۡنَ । ସ୍ୱର୍ଗତ ଚୌଧୁରୀ ମୁହମ୍ମଦ ଅନ୍‌ୱର୍ ରିୟାଜ୍ ସାହେବ ଓସିୟତ୍ କରିଥିଲେ । ତାଙ୍କର ସୁପୁତ୍ର ନାସିର୍ ମେହମୁଦ୍ ତାହିର୍ ସାହେବ କେନିୟାର ମିଶ୍‌ନାରୀ ଇନ୍‌ଚାର୍ଜ ଅଟନ୍ତି ଏବଂ ଦେଶ ବାହାରେ ଥିବା ହେତୁ ନିଜ ପିତାଶ୍ରୀଙ୍କ ଯନାଜାଃ (ଅନ୍ତିମ ସଂସ୍କାରରେ) ସାମିଲ୍ ହୋଇପାରି ନଥିଲେ । ସ୍ୱର୍ଗତଙ୍କର ଅନ୍ୟ ସମସ୍ତ ସନ୍ତାନ ମଧ୍ୟ କୌଣସି ନା କୌଣସି ରଙ୍ଗରେ ଜମାଅତ୍‌ର ସେବା କରିବା ନିମନ୍ତେ ସାମର୍ଥ୍ୟ ଲାଭ ପାଉଛନ୍ତି ।

ନାସିର୍ ମହମୁଦ୍ ସାହେବ ଉଲ୍ଲେଖ କରନ୍ତି ଯେ, ପିତାଶ୍ରୀଙ୍କ ବଂଶରେ ଅହେମଦିୟତ୍ ତାଙ୍କର ଦଦା ହ. ଚୌଧୁରୀ ଗୁଲାମ୍ ମୁହମ୍ମଦ୍ ଜଟ୍ ସାହେବ ର.ଅଙ୍କ ମାଧ୍ୟମରେ ଆସିଥିଲା । ସ୍ୱର୍ଗତ ଦଦା ଅର୍ଥାତ ଚୌଧୁରୀ ଗୁଲାମ୍ ମୁହମ୍ମଦ୍ ଜଟ୍ ସାହେବ ର.ଅ କାଦିୟାନ୍ ଯାଇ ହ. ମସିହ୍ ମଉଦ୍ ଅ.ସଙ୍କ ହସ୍ତରେ ବୈଅତ୍ କରିଥିଲେ । ଆପଣ ଗ୍ରାମର ପ୍ରାଥମିକ ଅହେମଦିମାନଙ୍କ ମଧ୍ୟରୁ ଅନ୍ୟତମ ଅହମଦି ଥିଲେ । 1996 ମସିହାରେ ତାଙ୍କ ପିତାଶ୍ରୀଙ୍କୁ ଏକ କେସ୍‌ରେ ପ୍ରାୟ 1 ମାସ ପର୍ଯ୍ୟନ୍ତ ଈଶ୍ୱରଙ୍କ ସକାଶେ କାରାବରଣ ଦଣ୍ଡ ଭୋଗିବାର ସୌଭାଗ୍ୟ ଅର୍ଜନ ମଧ୍ୟ ହୋଇଥିଲା। ଇତି ମଧ୍ୟରେ ପୋଲିସ୍ ଆପଣଙ୍କ ସହିତ ଅନେକ ଥର ଅସଦାଚାରଣ ମଧ୍ୟ କରିଥିଲା। କିନ୍ତୁ ଆପଣ କେବଳ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ସକାଶେ ସେହି ସମସ୍ତ୍ୟ ନିର୍ଯାତନା ଓ କଷ୍ଟ ସହ୍ୟ କଲେ ନାହିଁ ବରଂ ଅତ୍ୟନ୍ତ ସାହସିକତାର ସହିତ ଆପଣ ଉକ୍ତ ଶାସ୍ତିକୁ ଭୋଗିଥିଲେ। ଜମାଅତ୍ ଏବଂ ଖିଲାଫତ୍‌କୁ ଆପଣ ବହୁତ ସମ୍ମାନ ଜଣାଉଥିଲେ ଓ ଜଣେ ସମ୍ମାନ ପ୍ରଦର୍ଶନକାରୀ ବ୍ୟକ୍ତିଟିଏ ଥିଲେ । ନମାଜ୍‌ରେ ଆପଣ ନିୟମାନୁବର୍ତ୍ତୀ ଥିଲେ, ଚାନ୍ଦାରେ ଆପଣ ନିୟମାନୁବର୍ତ୍ତୀ ଥିଲେ ଓ ନିଜ ଜୀବନରେ ହିଁ ଆପଣ ନିଜ ସମ୍ପତ୍ତିର ଏକ ଭାଗ ପୈଠ କରି ଦେଇଥିଲେ । ଯେତେବେଳେ ବି କୌଣସି ଆୟ ହେଉଥିଲା ସେତେବେଳେ ସର୍ବ ପ୍ରଥମେ ଚାନ୍ଦା ପୈଠ କରୁଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ ଏବଂ ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ । ସ୍ୱର୍ଗତଙ୍କ ସନ୍ତାନ ସନ୍ତତିଙ୍କୁ ମଧ୍ୟ ସ୍ୱର୍ଗତଙ୍କ ପୁଣ୍ୟାବଳୀ ଉପରେ ଅବିଚଳତା ପ୍ରଦାନ କରନ୍ତୁ । **ଆମିନ୍** । **(ଅଲ୍‌ଫଜ୍‌ଲ୍ ଇଣ୍ଟର୍‌ନ୍ୟାସନଲ୍, 21-22 ମାର୍ଚ୍ଚ 2025 ମସିହା, ପୃ-2-7)** ☆ ☆ ☆

## ପୃ-2ରେ ବର୍ଣ୍ଣିତ ଖୁତବା ଜୁମାର ଅବଶିଷ୍ଟାଂଶ....

ସ୍ୱଂୟ ବା ନିଜେ ନିଜ ଆସ୍ଥା ଅନୁଯାୟୀ କାମ କରିବାକୁ ଦିଅନ୍ତୁ । ହୁଜୁର ର.ଅ ଅର୍ଥାତ୍ ହ. ଖଲିଫତୁଲ୍ ମସିହୁସ୍ ସାନି ର.ଅ ବ୍ୟବସାୟ, ଶିଳ୍ପକଳା ସଂକ୍ରାନ୍ତରେ କହିଲେ, ବ୍ୟବସାୟ ହେଉଛି ଏପରି ଏକ ବିଭାଗ ଯହିଁରୁ ମୁସଲମାନମାନେ ଅବଚେତନ ପ୍ରଦର୍ଶନ କରିଛନ୍ତି । ବ୍ୟବସାୟିକ ଏବଂ ବାଣିଜ୍ୟିକ ଦୃଷ୍ଟିରୁ ସେମାନେ (ମୁସଲମାନମାନେ) ହିନ୍ଦୁମାନଙ୍କର ଦାସ ପାଲଟି ଯାଇଛନ୍ତି । ବର୍ତ୍ତମାନ ମୋତେ ଏହା ଦୃଶ୍ୟମାନ ହେଉଛି ଯେ, ଆମେମାନେ ସଂସାରର ବଡ଼ ବଡ଼ ଯେଉଁ ପ୍ରତିପତ୍ତିଶାଳୀ ତଥା ଧନୀକ ବ୍ୟକ୍ତିମାନେ ରହିଛନ୍ତି, ବିଭିନ୍ନ ଧର୍ମାବଲମ୍ବୀମାନେ ରହିଛନ୍ତି, ଯେଉଁ ଲୋକମାନେ ବାଣିଜ୍ୟ ବ୍ୟବସାୟ କରୁଛନ୍ତି ସେମାନେ ପଛେ ଇହୁଦୀ ହୁଅନ୍ତୁ ଅବା ଖ୍ରୀଷ୍ଟ ଧର୍ମାବଲମ୍ବୀ ହୁଅନ୍ତୁ, ମୁସଲମାନମାନେ ସେମାନଙ୍କର ଦାସ ପାଲଟି ଯାଇଛନ୍ତି। ସେତେବେଳେ ଏହି ଅବସ୍ଥା ଥିଲା । ଆମେ ଆଜିକାଲି ଉକ୍ତ ପ୍ରସଙ୍ଗରେ ବିଶ୍ୱର ରାଷ୍ଟ୍ରଗୁଡ଼ିକ ଏବଂ ବ୍ୟବସାୟୀମାନଙ୍କର ଦାସ ପାଲଟି ଯାଇଛେ । ଯେପରିକି ମୁଁ ବର୍ତ୍ତମାନ କହିଲି । ଅତଏବ୍ ମୁସଲମାନ ରାଷ୍ଟ୍ରମାନଙ୍କୁ ଏଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି । ବ୍ୟବସାୟରେ ଓ ଶିଳ୍ପକଳାରେ ମଧ୍ୟ ମୁସଲମାନମାନଙ୍କୁ ଉନ୍ନତି କରିବା ନିମନ୍ତେ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପରିଶେଷରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ମୁସଲମାନମାନଙ୍କର ପାରସ୍ପାରିକ ମତଭେଦ ଓ କଳହକୁ ସମାପ୍ତ କରିବା ନିମନ୍ତେ ପାରସ୍ପାରିକ ଏକତା ଓ ସଂହତିର ମହତ୍ତ୍ୱ ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି ଓ ଆପଣ ର.ଅ କହିଲେ, ମୁଁ ପୁଣି ଥରେ ଏଥିପ୍ରତି ଆପଣମାନଙ୍କର ଧ୍ୟାନ ଆକର୍ଷଣ କରି ନିଜର ବିଷୟବସ୍ତୁ ଅର୍ଥାତ୍ ବକ୍ତବ୍ୟକୁ ଶେଷ କରୁଛି ଯେ, ଯେପର୍ଯ୍ୟନ୍ତ ଉକ୍ତ ପ୍ରସଙ୍ଗ ଅର୍ଥାତ୍ ଆମେମାନେ ପରସ୍ପରକୁ କାଫିର୍ (ଅବିଶ୍ୱାସକାରୀ) କହିବା ସତ୍ତ୍ୱେ ଅନ୍ୟମାନଙ୍କ ଦୃଷ୍ଟିରେ ମୁସଲମାନ ଅଟୁ । ଗୋଟିଏ ସଂପ୍ରଦାୟର କ୍ଷତି ଘଟିବା ଦ୍ୱାରା ଅନ୍ୟ ସଂପ୍ରଦାୟର ମଧ୍ୟ କ୍ଷତି ଘଟିଥାଏ । ତେଣୁ ଯେପର୍ଯ୍ୟନ୍ତ ଆମମାନଙ୍କର ଏହି ପ୍ରଚେଷ୍ଟା ହୋଇ ନାହିଁ ସେପର୍ଯ୍ୟନ୍ତ ଆମମାନଙ୍କର ସମସ୍ତ ପରିଶ୍ରମ ବୃଥା ଏବଂ ସକଳ ଯୋଜନା ନିରର୍ଥକ ହୋଇଯିବ । ତେଣୁ ଆମମାନଙ୍କୁ ଉକ୍ତ ପ୍ରସଙ୍ଗକୁ ଭଲ ଭାବରେ ହୃଦୟଙ୍ଗମ କରିବାକୁ ହେବ । ସୁତରାଂ ରାଜନୈତିକ କ୍ଷେତ୍ରରେ ଆମମାନଙ୍କୁ ଧାର୍ମିକ ଧର୍ମାଦେଶ ବା ଧର୍ମାଜ୍ଞାକୁ ଅଣଦେଖା କରିଦେବା ଉଚିତ୍ । କାରଣ ଅହେମଦିମାନେ ସେମାନଙ୍କର ଅଣଅହେମଦିମାନଙ୍କର କୃତ୍ୟ ପରିଧିରୁ ବହିର୍ଭୂତ ଅଟନ୍ତି । ଇସ୍‌ଲାମ୍ ଧର୍ମ କଦାପି ଏହା କହେ ନାହିଁ ଯେ, ଯଁଉମାନଙ୍କୁ ତୁମେମାନେ ମୁସଲମାନ ବୋଲି ମନେକରୁ ନାହିଁ ସେମାନଙ୍କ ସେଥିରେ ତୁମେମାନେ ନିଜର ରାଜନୈତିକ ଆବଶ୍ୟକତା ନିମନ୍ତେ ମିଶି କାମ କରିପାରିବ ନାହିଁ । ଯଦି ଆଁହଜରତ ସ.ଅ ମୁସ୍‌ରିକ୍‌ମାନଙ୍କ ବିପକ୍ଷରେ ଇହୁଦୀମାନଙ୍କ ସହିତ ଚୁକ୍ତି ସ୍ୱାକ୍ଷରିତ କରିପାରନ୍ତି ତେବେ ତହିଁରେ କିଛି ଅସୁବିଧା ନାହିଁ ଯେ, ଯେଉଁ ସମ୍ପ୍ରଦାୟମାନେ ନିଜକୁ ମୁସଲମାନ ବୋଲାଉଛନ୍ତି ସେମାନେ ରାଜନୈତିକ ଶ୍ରେଷ୍ଠତ୍ୱର ସୁରକ୍ଷା ନିମନ୍ତେ ରାଜନୀତିରେ ସାମିଲ୍ ହୋଇ କାମ କରିପାରିବେ ନାହିଁ । ଅବଶ୍ୟ ଓ ନିଶ୍ଚିନ୍ତ ସେମାନେ କାମ କରି ପାରିବେ । ଆମେମାନେ ଯଦି ଇତ୍ୟବସରରେ ଏକତା ସ୍ଥାପନ କରି ନପାରିଲୁ ତେବେ ନିଃସନ୍ଦେହ ତହିଁରୁ ଏହା ପ୍ରମାଣିତ ହେବ ଯେ, ଆମମାନଙ୍କର ମତଭେଦ ଇସ୍‌ଲାମ୍ ଧର୍ମ ସକାଶେ ନୁହେଁ ବରଂ ନିଜର ଅସ୍ତିତ୍ୱ ଓ ବ୍ୟକ୍ତିଗତ ସ୍ୱାର୍ଥ ସକାଶେ ଉଦ୍ଦିଷ୍ଟ ଅଟେ । ଅଲ୍ଲାଃତାଲା ଆମମାନଙ୍କୁ ହତଭାଗ୍ୟ ଏବଂ ମୂର୍ଖତା ଠାରୁ ସୁରକ୍ଷିତ ରଖନ୍ତୁ । **ଆମିନ୍। (ଅଲ୍ ମୁସ୍‌ଲିମ୍ ପାର୍ଟିଜ୍ କନ୍‌ଫରେନ୍ସ କାର୍ଯ୍ୟକ୍ରମ ଉପରେ ଏକ ଦୃଷ୍ଟିପାତରୁ ଉଦ୍ଧୃତ, ଅନ୍‌ୱାରୁଲ୍ ଉଲୁମ୍, ଭାଗ-9, ପୃ-8-10)**

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି: اَلَیۡسَ اللّٰہُ بِکَافٍ عَبۡدَہٗ**

(ଅଜ୍ କ୍ରମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ହୁଜୁର ଅନ୍ୱର୍ ଅ.ବ କହିଲେ, ପାକିସ୍ତାନ ଏବଂ ଅନେକ କେତେକ ମୁସଲମାନ ରାଷ୍ଟ୍ରମାନଙ୍କରେ ସାମୂହିକ ରୂପେ ତ' ଏହିପରି ସ୍ଥିତି ରହିଛି । ବିଶେଷ କରି ଅହେମଦିମାନଙ୍କ ନିମନ୍ତେ ଏହି ଧାରଣା ମନ ଭିତରେ ପୋଷଣ କରିବା କି ଅହେମଦିମାନେ କାଫର୍ (ଅବିଶ୍ୱାସକାରୀ ଅଟନ୍ତି) ଅଟନ୍ତି । ସେପରି ଦେଖିବାକୁ ଗଲେ ପ୍ରତ୍ୟେକ ସଂପ୍ରଦାୟ ଅନ୍ୟ ସଂପ୍ରଦାୟକୁ କାଫର୍ (ଅବିଶ୍ୱାସକାରୀ) ବୋଲି ସମ୍ବୋଧିତ କରିଥାଏ । ଅଣମୁସଲିମ୍ ଜଗତରେ ଏହି କାରଣରୁ ଯେଉଁ ଭ୍ରାନ୍ତ ଧାରଣା ସୃଷ୍ଟି ହୋଇଯାଇଛି ତାହା ମୁସଲମାନମାନଙ୍କର ବେଶ କ୍ଷତି ଘଟାଉଛି । ଅତଏବ୍ ଉକ୍ତ ବିନ୍ଦୁକୁ ଆଜି ମଧ୍ୟ ମୁସଲମାନ ରାଷ୍ଟ୍ରମାନଙ୍କୁ ଏବଂ ମୁସଲମାନମାନଙ୍କୁ ହୃଦୟଙ୍ଗମ କରିବାର ଆବଶ୍ୟକତା ରହିଛି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଅତୀତରେ ଯେତେବେଳେ ଭାରତ ଓ ପାକିସ୍ତାନ ଗୋଟିଏ ଦେଶ ଥିଲା ସେତେବେଳେ ଏକ ଗୋଲ ଟେବୁଲ୍ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଉକ୍ତ ସମ୍ମିଳନୀରେ ମୁସଲମାନମାନଙ୍କର ପ୍ରତିନିଧିତ୍ୱର ପ୍ରଶ୍ନ ଉତ୍ଥାପିତ ହୋଇଥିଲା । ବ୍ରିଟିଶ ସରକାର ଭାରତ ବର୍ଷର ସ୍ୱାଧୀନତା ନିମନ୍ତେ ସମୀକ୍ଷା କରିବା ନିମନ୍ତେ ଏକ କମିଶନ ଗଠନ କରିଥିଲା । ସେହି କମିଶନ ପ୍ରତ୍ୟେକ ଦଶ ବର୍ଷ ପରେ ସମୀକ୍ଷା ଓ ଅନୁଧାନ କରିବାର ଥିଲା କି ଲୋକମାନଙ୍କୁ କେତେଦୂର ପର୍ଯ୍ୟନ୍ତ ଏହି ଅଧିକାର ପ୍ରଦାନ କରାଯାଇ ପାରିବ ଯେ, ସେମାନେ ଏକ ନୂତନ ଓ ଭିନ୍ନ ସରକାର ଗଠନ କରିବେ ? ଉକ୍ତ କମିଶନର ପ୍ରଥମ ସଭାପତି ଜଣେ ଇଂରେଜ ବାରିଷ୍ଟର ଥିଲେ । ଅତଏବ୍ ଉକ୍ତ କମିଶନର ସଭାପତିଙ୍କ ନାମ ସାର୍ ଜନ୍ ସାଇମନ୍ ଥିଲା। **(ଭାରତବର୍ଷର ମୁସଲମାନମାନଙ୍କର ଅଗ୍ନି ପରୀକ୍ଷାର ସମୟ ପୁସ୍ତକରୁ ଉଦ୍ଧୃତ, ଅନ୍ୱାରୁଲ୍ ଉଲୁମ୍, ଭାଗ-10, ପୃ-2-3)**

ସେ ଯାହା ହେଉ ଉକ୍ତ କମିଶନ ଏବଂ ସେହି ନିଷ୍ପତ୍ତି ଉପରେ ଅନେକ ସମୟରେ ବିତର୍କ କରାଗଲା । ହ. ମୁସ୍‌ଲେହ୍ ମଉଦ୍ ର.ଅ ବିଭିନ୍ନ ସମୟରେ ମାର୍ଗଦର୍ଶନ ମଧ୍ୟ ପ୍ରଦାନ କରି ନିଜର ବିସ୍ତୃତ ଧାରଣା ତଥା ମତଧାରା ମଧ୍ୟ ଉପସ୍ଥାପିତ କଲେ ଏବଂ ମୁସଲମାନମାନଙ୍କର ମାର୍ଗଦର୍ଶନ ମଧ୍ୟ କଲେ । ଏହାକୁ ଆୟୁକ୍ତ କରି ଏକ ଗୋଲ୍ ଟେବୁଲ୍ ବୈଠକ (ସମ୍ମିଳନୀ) ମଧ୍ୟ ଆୟୋଜିତ ହେଲା । ଉକ୍ତ ସମ୍ମିଳନୀର ଆମମାନଙ୍କ ଇତିହାସରେ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ମାଧ୍ୟମରେ ଚର୍ଚ୍ଚା ମଧ୍ୟ ମିଳେ। "ବ୍ରିଟିଶ୍ ସରକାରଙ୍କ ଦ୍ୱାରା ଗଠିତ ସାଇମନ୍ କମିଶନର ରିପୋର୍ଟ ଭାରତବାସୀଙ୍କ ଆଶାନୁରୂପ ହେଲା ନାହିଁ । ତେଣୁ ତାହା ଭାରତବାସୀମାନଙ୍କ ନିମନ୍ତେ ଗ୍ରହଣଯୋଗ୍ୟ ନଥିଲା। ସେହି ପରିସ୍ଥିତିରେ ସରକାରଙ୍କ ପକ୍ଷରୁ ଗୋଲ୍ ଟେବୁଲ୍ ସମ୍ମିଳନୀର ଆୟୋଜନ ହେବାର ଘୋଷଣା ହେଲା ।" ଏହାର ବିସ୍ତୃତ ବିବରଣୀ ଏହିପରି ଅଟେ ଯେ, "ଭାରତ ଓ ବ୍ରିଟେନ୍‌ର ପ୍ରତିନିଧିମାନେ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ଭାରତର ରାଜନୈତିକ ଉନ୍ନତି ସଂପର୍କରେ ବିଚାର ବିମର୍ଷ କରିବାକୁ ସକ୍ଷମ ହୋଇ ପାରିବେ। ଇତ୍ୟବସରରେ ହୁଜୁର ର.ଅ ମୁସଲମାନମାନଙ୍କ ମାର୍ଗଦର୍ଶନ ନିମନ୍ତେ ତୁରନ୍ତ ଏହି ବିଷୟବସ୍ତୁ ଉଲ୍ଲେଖ କଲେ ଏବଂ ସେମାନଙ୍କୁ ଉପଦେଶ ଦେଲେ ଯେ, ସେମାନେ ପାରସ୍ପାରିକ ମତଭେଦ ଓ ମତପାର୍ଥକ୍ୟକୁ ପରିତ୍ୟାଗ କରି ଦିଅନ୍ତୁ । ମୁସଲମାନମାନେ ଜାତୀୟ ସ୍ୱାର୍ଥ ସକାଶେ ମିଳିତ ଓ ଏକ ହୋଇ କାମ କରନ୍ତୁ । କେବଳ ଏହି ପନ୍ଥା ମାଧ୍ୟମରେ ସେମାନେ ବିରୋଧୀ ଜାତିର ମୁକାବିଲା କରିବା ସଙ୍ଗେସଙ୍ଗେ ନିଜର ଅଧିକାରକୁ ପ୍ରାପ୍ତ କରିବାରେ ମଧ୍ୟ ସଫଳ ହୋଇ ପାରିବେ ।"

ସେମାନଙ୍କୁ ଉଦ୍ୟମ କରିବା ଉଚିତ୍ ଯେ, ସମ୍ମିଳନୀରେ ଏପରି ପ୍ରତିନିଧିମାନେ ଯାଆନ୍ତୁ ଯେଉଁମାନେ ଦେଶ ତଥା ଜାତିର ପ୍ରତିନିଧିମାନଙ୍କର ଅଧିକାରକୁ ସମ୍ପାଦନ କରିପାରିବେ । ହୁଜୁର ର.ଅ ଇତ୍ୟବସରରେ ସରକାରଙ୍କୁ ମଧ୍ୟ ପରାମର୍ଶ ଦେଲେ ଯେ, ସେମାନେ ରାଜନୈତିକ ଗୋଷ୍ଠୀର ପରାମର୍ଶ ମାଧ୍ୟମରେ ପ୍ରତିନିଧିମାନଙ୍କର ଚୟନ କରନ୍ତୁ । କାରଣ ସମ୍ମିଳନୀର ନିଷ୍ପତ୍ତିକୁ ଲୋକମାନେ ସାଦରରେ ସ୍ୱୀକାର କରି ନିଅନ୍ତୁ ।

ମୁସଲମାନମାନଙ୍କର ଅଧିକାରର ସୁରକ୍ଷା ସଂକ୍ରାନ୍ତରେ ହୁଜୁର ର.ଅ କହିଲେ, ମୋ ନିକଟରେ ଅଖିଳ ମୁସଲିମ୍ ପାର୍ଟି ସମ୍ମିଳନୀ ନିମନ୍ତେ ବର୍ତ୍ତମାନ କାମ କରିବାର ସମୟ ଆସିଯାଇଛି । କେବଳ ଉକ୍ତ ପ୍ରସଙ୍ଗକୁ ପ୍ରକାଶ କରିଦେବା କି ମୁସଲମାନମାନଙ୍କର ଏହି ଦାବି ଯଥେଷ୍ଟ ନୁହେଁ । ଯଦି ଏହିପରି ଲୋକମାନେ ଗୋଲଟେବୁଲ ସମ୍ମିଳନୀକୁ ଗଲେ ଅର୍ଥାତ୍ ଯେଉଁ ଲୋକମାନେ ସେହି ଦାବିଗୁଡ଼ିକୁ ପଛରେ ଫିଙ୍ଗିଦେଲେ ସେହି ଲୋକମାନେ ଯଦି ଗୋଲଟେବୁଲ୍ ସମ୍ମିଳନୀରେ ଗଲେ ତେବେ ଅଖିଳ ଦଳ ସମ୍ମିଳନୀର ନିଷ୍ପତ୍ତିର ମୂଲ୍ୟ କିଛି ରହିବ ନାହିଁ । ଅତଏବ୍ ଏହା ହିଁ ସେହି ପ୍ରକୃଷ୍ଟ ସମୟ ରହିଛି ଯେ, ଏକ ପକ୍ଷରେ ସେମାନେ ଭୁଲ୍ ସରକାରଙ୍କ ଚୟନ କରିଥିବା ହେତୁ ଏହାର କୁପରିଣାମରୁ ଅବଗତ ହୁଅନ୍ତୁ ଓ ଅନ୍ୟ ପକ୍ଷରେ ଜନ ସାଧାରଣଙ୍କୁ ଏହାର ଅପକାରିତା ଏବଂ ବିପତ୍ତି ସହିତ ଅବଗତ କରାନ୍ତୁ । ଅଖିଳ ମୁସଲିମ୍ ପାର୍ଟି ଯେପର୍ଯ୍ୟନ୍ତ ଶାନ୍ତିରେ ବସି ନାହିଁ ସେପର୍ଯ୍ୟନ୍ତ ମୁସଲମାନମାନଙ୍କ ପ୍ରତିନିଧିର ନିଷ୍ପତ୍ତି ମୁସଲମାନମାନଙ୍କ ନିର୍ବାଚିତ ପ୍ରତିନିଧି ଓ ସେମାନଙ୍କର ପ୍ରମୁଖ ରାଜନୈତିକ ଅଞ୍ଜୁମନ୍‌ର ମାଧ୍ୟମ ହୋଇପାରିବ ନାହିଁ ।" **(ଗୋଲ୍ ଟେବୁଲ୍ ସମ୍ମିଳନୀ ଏବଂ ମୁସଲମାନମାନଙ୍କର ପ୍ରତିନିଧିତ୍ୱ, ଅନ୍ୱାରୁଲ୍ ଉଲୁମ୍, ଭାଗ-11, ପୃ-13-14)**

ହୁଜୁର ଅନ୍ୱର୍ ଅ.ବ କହିଲେ, ସେହି ଯୁଗର ପରିସ୍ଥିତି ଅନୁଯାୟୀ ଏହିସବୁ ପରାମର୍ଶ ଥିଲା । ଏହି ସମସ୍ତ ପରାମର୍ଶକୁ ଅନେକ ମହଲରେ ଅତ୍ୟନ୍ତ ଗମ୍ଭୀରତାର ସହିତ ନିଆଯାଇଥିଲା । ପୁନଶ୍ଚ ଭାରତ ବର୍ଷର ସେତେବେଳର ଯେଉଁ ପରିସ୍ଥିତି ରହିଥିଲା ତା'ର ସମାଧାନ ନିମନ୍ତେ ଆପଣ ର.ଅ ପ୍ରବନ୍ଧ ରଚନା କରିଥିଲେ । ଏଥି ସଂକ୍ରାନ୍ତରେ ଆପଣ ର.ଅ ପ୍ରବନ୍ଧରେ ସେତେବେଳର ଯେଉଁ ପରିସ୍ଥିତି ରହିଥିଲା ତା'ର ସମାଧାନ ମଧ୍ୟ ଉପସ୍ଥାପିତ କରିଛନ୍ତି ।" ସାଇମନ୍ କମିଶନର ରିପୋର୍ଟ ପ୍ରକାଶ ପାଇବାର କିଛି ସମୟ ପରେ ଉକ୍ତ ରିପୋର୍ଟର ମଧ୍ୟ ଚର୍ଚ୍ଚା ହେଲା । ବ୍ରିଟିଶ୍ ସରକାର ଗୋଲଟେବୁଲ୍ ସମ୍ମିଳନୀ ଲଣ୍ଡନ୍ ଠାରେ ଆୟୋଜନ କରିବ ବୋଲି ସ୍ଥିର କରିଛି । ଯେପରିକି ଚର୍ଚ୍ଚା ହୋଇଛି ଯେ, ଭାରତବର୍ଷର ରାଜନୈତିକ ଉନ୍ନତିର ବିଭିନ୍ନ ପକ୍ଷ ଓ ଦିଗ ଉପରେ ବିଚାର ବିମର୍ଷ କରି ଭବିଷ୍ୟତ ପାଇଁ ଏକ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଉ । ଯଦିଚ ସାଇମନ୍ କମିଶନ ମୁସଲମାନମାନଙ୍କର ଅଧିକାରକୁ ପୂର୍ଣ୍ଣ ରୂପେ ଧ୍ୟାନ ରଖି ନଥିଲା ତେଣୁ ହୁଜୁର ର.ଅ ଚିନ୍ତା ବ୍ୟକ୍ତ କରିଥିଲେ ଏବଂ ବିବ୍ରତ ମଧ୍ୟ ହୋଇ ପଡ଼ିଥିଲେ । ହୁଜୁର ର.ଅ (ହ. ଖଲିଫତୁଲ୍ ମସିହ୍ ସାନି ର.ଅ) ଏହା ଚାହୁଁଥିଲେ ଯେ, ଭବିଷ୍ୟତରେ ମୁସଲମାନମାନଙ୍କର ଅଧିକାରକୁ ଯେପରି ଅଣଦେଖା କରା ନଯାଉ । ତେଣୁ ହୁଜୁର ର.ଅ ଏହା ଉଚିତ୍ ବୋଲି ମନେକଲେ ଯେ, ଇତ୍ୟବସରରେ ସାଇମନ୍ କମିଶନ ରିପୋର୍ଟ ଉପରେ ଆଲୋଚନ କରି ରିପୋର୍ଟରେ ଥିବା ତ୍ରୁଟି ଏବଂ ଦୋଷଦୁର୍ବଳତାକୁ ସ୍ୱଷ୍ଟ କରାଯାଉ । ଭାରତରେ ଥିବା ସମସ୍ୟାର ଏପରି ସମାଧାନ ଉପସ୍ଥାପିତ କରାଯାଉ ଯେପରି ଭବିଷ୍ୟତରେ ସମସ୍ତ ସଂପ୍ରଦାୟ ଏବଂ ସମସ୍ତ ଜାତି ଅର୍ଥାତ୍ ବିଭିନ୍ନ ଧର୍ମର ଲୋକମାନେ ସନ୍ଧି ଓ ଶାନ୍ତି ପ୍ରୀତି ଓ ମୈତ୍ରୀର ସହିତ ଜୀବନ ଯାପନ କରି ପାରିବେ ।

ସୁତରାଂ ହୁଜୁର ର.ଅ କୁହନ୍ତି: "ମୁଁ ଭାବୁଛି ଯେ, ଏକ ଧାର୍ମିକ ବ୍ୟକ୍ତି ହିସାବରେ ରାଜନୀତି ସହିତ ମୋର ସେତେଟା ସଂପର୍କ ନାହିଁ ଯେପରି ସେହି ଲୋକମାନଙ୍କର ସଂପର୍କ ରହିଛି ଯେଉଁମାନେ ରାଜନୀତିରେ ଦିନ ରାତି ମାତିଛନ୍ତି । କିନ୍ତୁ ଏପରି ଭାବରେ ମୋର ଶାନ୍ତି ଓ ମୈତ୍ରୀ ସୃଷ୍ଟି କରିବା ସଂକ୍ରାନ୍ତରେ ମୋର ଦାୟିତ୍ୱ ଅଧିକ ହୋଇଯାଉଛି । ସେହିପରି ମୁଁ ଏହା ଭାବୁଛି ଯେ, ଉପଦ୍ରବ ବା ସାଂପ୍ରଦାୟିକତା ଠାରୁ ପୃଥକତା ହେବା ଯୋଗୁଁ ସମ୍ଭବତଃ ମୁଁ ସେହି ଲୋକମାନଙ୍କ ଅପେକ୍ଷା ଯେଉଁମାନେ ଏହି ଯୁଦ୍ଧରେ ଗୋଟିଏ କିମ୍ବା ଅନ୍ୟ ପକ୍ଷରୁ ସାମିଲ୍ ହୋଇଛନ୍ତି ସେହି ଲୋକମାନଙ୍କ ଅପେକ୍ଷା ମୁଁ ଅତି ସହଜରେ କୌଣସି ପ୍ରସଙ୍ଗର ମୂଳ ଏବଂ ଗହ୍ୱର ପର୍ଯ୍ୟନ୍ତ ପହଞ୍ଚି ଯାଇପାରିବି । ସୁତରାଂ ବର୍ତ୍ତମାନ ଗୋଲିଟେବୁଲ୍ ସମ୍ମିଳନୀର ଘୋଷଣା ଯୋଗୁଁ ଲୋକମାନଙ୍କର ଧ୍ୟାନ ଭାରତ ବର୍ଷରେ ଥିବା ସମସ୍ୟାର ସମାଧାନ କରିବା ନିମନ୍ତେ ଲାଗିଛି ।" ସେହି କାଳରେ ଉକ୍ତ ପ୍ରସଙ୍ଗଟି ଏକ ବହୁତ ବଡ଼ ସମସ୍ୟା ଥିଲା । ମୁଁ ଏହା ହିଁ ଉଚିତ୍ ବୋଲି ମନେକରୁଛି ଯେ, ମୁଁ ନିଜର ଚିନ୍ତାଧାରାକୁ ଉଭୟ ଦେଶର ଅଣବିଦ୍ୱେଷୀ ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଦେବି । ହୁଜୁର ର.ଅ ନିଜର ସମୀକ୍ଷା ଏବଂ ସମାଲୋଚନାରେ ମୁସଲମାନମାନଙ୍କର ଅଧିକାର ଏବଂ ଦାବି ଉପରେ ସାନ୍ତ୍ୱନାମୂଳକ ଯୁକ୍ତିତର୍କ କରିଛନ୍ତି ଓ ସେମାନଙ୍କର ଔଚିତ୍ୟତାକୁ ଉଜାଗର କରିଛନ୍ତି । ତତ୍‌ସହିତ ଆପଣ ର.ଅ ଭାରତର ରାଜନୈତିକ ସମସ୍ୟାର ଅତ୍ୟନ୍ତ ଉଚିତ୍ ଏବଂ ସାନ୍ତ୍ୱନାମୂଳକ ସମାଧାନ ଉପସ୍ଥାପିତ କିରଛନ୍ତି । ସେହି ସାରଗର୍ଭକ ସମୀକ୍ଷା ଏବଂ ସମାଲୋଚନା ଇଂରାଜୀ ଭାଷାର ସଂସ୍କରଣରେ ପ୍ରକାଶ କରିବା ନିମନ୍ତେ ତୁରନ୍ତ ପ୍ରକାଶ କରି ଇଂଲଣ୍ଡକୁ ପ୍ରେରଣ କରିଦିଆଗଲା। କାରଣ ଗୋଲଟେବୁଲ୍ ସମ୍ମିଳନୀରେ ସାମିଲ୍ ହେବାକୁ ଥିବା ଲୋକମାନେ ଉକ୍ତ ସମୀକ୍ଷାତ୍ମକ ସମାଲୋଚନାକୁ ପାଠ କରି ଲାଭାନ୍ୱିତ ଓ ଉପକୃତ ହୁଅନ୍ତୁ। ମୁସଲମାନ ପ୍ରତିନିଧିମାନେ ବିଶେଷ କରି ତହିଁରୁ (ଅର୍ଥାତ୍ ଉକ୍ତ ସମୀକ୍ଷାତ୍ମକ ସମାଲୋଚନା) ରୁ ଉପକୃତ ହେଲେ । ସୁତରାଂ ସେମାନେ ପ୍ରଥମ ଥର ଏକମତ ହୋଇ ଅତି ସଫଳତାର ସହିତ ନିଜର ଦାବିଗୁଡ଼ିକୁ ସମ୍ମିଳନୀରେ ଉପସ୍ଥାପିତ କଲେ। ଇଂଲଣ୍ଡର ପରାମର୍ଶଦାତାଙ୍କ ଉପରେ ଏହାର ଗଭୀର ପ୍ରଭାବ ମଧ୍ୟ ପଡ଼ିଥିଲା ଏବଂ ସେମାନେ ଭାରତରେ ମୁସଲମାନମାନଙ୍କର ବିଶେଷ ସ୍ଥିତାବସ୍ଥାର ସ୍ୱୀକାରୋକ୍ତି ପ୍ରକାଶକାରୀ ହୋଇ ସେହି ଦାବିଗୁଡ଼ିକର ଔଚିତ୍ୟତା ତଥା ଉପାଦେୟତାକୁ ସ୍ୱୀକାର କରିବା ନିମନ୍ତେ ବାଧ୍ୟ ହୋଇଗଲେ । ହୁଜୁର ର.ଅଙ୍କ ଉକ୍ତ ପୁସ୍ତକ ଭାରତ ଏବଂ ଇଂଲଣ୍ଡ ଉଭୟ ସ୍ଥାନରେ ଅତ୍ୟନ୍ତ ଆଦୃତ ଲାଭ ହୋଇଥିଲା । ସେହି ପୁସ୍ତକକୁ ଅତ୍ୟନ୍ତ ଆଗ୍ରହର ସହିତ ଏବଂ ଧ୍ୟାନର ସହକାରେ ପାଠ କରାଗଲା ଏବଂ ଅନେକ ଦୂରଦର୍ଶୀ ରାଜନୀତିଜ୍ଞ ଏବଂ ସାମ୍ବାଦିକମାନେ ଅତ୍ୟନ୍ତ ଭବ୍ୟ ଶବ୍ଦରେ ହୁଜୁର ର.ଅଙ୍କୁ ଶ୍ରଦ୍ଧାଞ୍ଜଳୀ ଉପସ୍ଥାପିତ କଲେ ।" **(ଭାରତର ସାଂପ୍ରତିକ ରାଜନୈତିକ ସମସ୍ୟାର ସମାଧାନ, ଅନ୍ୱାରୁଲ୍ ଉଲୁମ୍, ଭାଗ-11, ପୃ-18-19)**

ଅହମଦିୟା ଇତିହାସରେ ଅନେକ ଘଟଣାବଳୀ ଉଲ୍ଲିଖିତ ରହିଛି । ହୁଜୁର ଅନ୍ୱର୍ ଅ.ବ କହିଲେ, ଯେପରିକି ମୁଁ କହିଲି ଉକ୍ତ ସମୀକ୍ଷାତ୍ମକ ସମାଲୋଚନା ଉଭୟ ପକ୍ଷ ତଥା ଉଭୟ ମହଲରେ ଅତ୍ୟନ୍ତ ଆଦୃତ ଲାଭ ହୋଇଥିଲା । ଉକ୍ତ ଭାଷଣଟି ଅତ୍ୟନ୍ତ ଧ୍ୟାନପୂର୍ବକ ପାଠ କରାଗଲା ଓ ତା'ର କେତେକ ଉଦାହରଣ ଏଠାରେ ମୁଁ ଉପସ୍ଥାପିତ କରି ଦେଉଛି: "ୟୁ.ପିର ପୂର୍ବତନ ଗଭର୍ଣ୍ଣର ଲର୍ଡ଼ ମେଷ୍ଟନ୍ (Meston) ସାହେବ କୁହନ୍ତି: "ମୁଁ ଆପଣଙ୍କର କୃତଜ୍ଞ ଅଟେ ଯେ, ଆପଣ ମୋତେ ଜମାଅତ୍ ଅହେମଦିୟାର ଧର୍ମାଧ୍ୟକ୍ଷଙ୍କ ଅତ୍ୟନ୍ତ ରୋଚକପୂର୍ଣ୍ଣ ଲେଖନୀ ପ୍ରେରଣ (ପଠାଇଲେ) କଲେ ।" ମୁଁ ଏହା ପୂର୍ବରୁ ମଧ୍ୟ ତାଙ୍କର କେତେକ ପୁସ୍ତକ ଅତ୍ୟନ୍ତ ଆଗ୍ରହର ସହିତ ପାଠ କରିଅଛି । ମୁଁ ଆଶା କରୁଛି ଯେ, ଉକ୍ତ ପୁସ୍ତକକୁ ପାଠ କରିବା ମୋ ନିମନ୍ତେ ପ୍ରସନ୍ନତା ଓ ଲାଭର କାରଣ ସାବ୍ୟସ୍ତ ହେବ । **(ତାରିଖେ ଅହେମଦିୟତ୍, ଭାଗ-5,ପୃ-214)**

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 17 April 2025 Issue No. 16

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଲେଫ୍ଟନେଣ୍ଟ କମାଣ୍ଡର କେନ୍‌ୱର୍ଦି (Kenworthy)ନାମକ ଜଣେ ସାଂସଦ ଅଟନ୍ତି । ସେ କୁହନ୍ତି: "ଭାରତ ବର୍ଷର ରାଜନୈତିକ ସମସ୍ୟାର ସମାଧାନ କରିଥିବା ହେତୁ ମୁଁ ଆପଣଙ୍କର ଅଶେଷ ଅଶେଷ କୃତଜ୍ଞତା ଜ୍ଞାପନ କରୁଛି । ମୁଁ ଉକ୍ତ ପୁସ୍ତକକୁ ଅତ୍ୟନ୍ତ ଆଗ୍ରହର ସହିତ ପାଠ କରିଛି।"

**(ତାରିଖେ ଅହମଦିୟତ୍, ଭାଗ-5, ପୃ-219)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ଥିଲା କେତେକ ସମୀକ୍ଷାତ୍ମକ ସମାଲୋଚନା ଯାହାକୁ ମୁଁ ଏଠାରେ ବର୍ଣ୍ଣନା କରିଛି । ପୁନଶ୍ଚ ବିଶ୍ୱର ସାଂପ୍ରତିକ ଅଶାନ୍ତିର ଇସ୍‌ଲାମ୍ ଧର୍ମ କେଉଁ ଉପଚାର ଉପସ୍ଥାପିତ କରିଥାଏ ? ଏଥି ସଂକ୍ରାନ୍ତରେ ମଧ୍ୟ ଆପଣ ର.ଅ ଉଲ୍ଲେଖ କରିଛନ୍ତି ଯେ, ବିଶ୍ୱ ଶାନ୍ତି ସଂପର୍କରେ ଯେଉଁ ଭାଷଣ ହୋଇଥିଲା ତାହାର ସାରାଂଶ ମୁଁ ଏଠାରେ ଉପସ୍ଥାପିତ କରି ଦେଉଛି । ହ. ଖଲିଫତୁଲ୍ ମସିହି ସାନି ର.ଅ ବିଶ୍ୱଶାନ୍ତିକୁ ଦୃଷ୍ଟିରେ ରଖି ଏକ ସାରଗର୍ଭକ ଓ ତାତ୍ତ୍ୱିକପୂର୍ଣ୍ଣ ଭାଷଣ 1946 ମସିହା ଅକ୍ଟୋବର ମାସ ୨ ତାରିଖରେ ସନ୍ଧ୍ୟା 5.00 ସମୟରେ ୫ ପାର୍କ ରୋଡ଼ ଦିଲ୍ଲୀର ବ୍ୟାପକ ପ୍ରାଙ୍ଗଣରେ ପ୍ରଦାନ କିରଥିଲେ । ଉକ୍ତ ଭାଷଣକୁ ଶୁଣିବା ନିମନ୍ତେ ଶତାଧିକ ଅଣଅହମଦି ମୁସଲମାନ ବ୍ୟକ୍ତିମାନେ ଆସିଥିଲେ । ସେମାନେ ଅତ୍ୟନ୍ତ ଧ୍ୟାନପୂର୍ବକ ଓ ଶାନ୍ତିପୂର୍ଣ୍ଣ ଭାବରେ ହୁଜୁର ର.ଅଙ୍କୁ ଶୁଣିଲେ । ଉକ୍ତ ଭାଷଣ ପ୍ରଥମ ଥର କରି ତା-15 ଅପ୍ରେଲ୍ 1961 ମସିହାରେ ଅଲ୍‌ଫଜଲ୍ ପତ୍ରିକାରେ ପ୍ରକାଶିତ ହୋଇଥିଲା । ସେ ଯାହା ହେଉ .........ଉକ୍ତ ଭାଷଣ ସଂକ୍ରାନ୍ତରେ ଦିଲ୍ଲୀର "ତେଜ୍" ନାମକ ଏକ ଖବର କାଗଜ ଅକ୍ଟୋବର ମାସ 14 ତାରିଖ 1946 ମସିହାର ପ୍ରକାଶନରେ ନିମ୍ନଲିଖିତ ନୋଟ୍ ପ୍ରକାଶ କରିଥିଲା: "ଅହେମଦିମାନଙ୍କର ଇମାମ୍ ହ. ମିର୍ଜା ବଶୀରୁଦ୍ଦୀନ୍ ମହମୁଦ୍ ଅହମଦ୍ ର.ଅ ଭାଷଣ ଦେଇ କହିଲେ, "ଶାନ୍ତି ଓ ପ୍ରୀତିର ପ୍ରସଙ୍ଗ ଏତେ ପୁରାତନ ଯେପରି ମନୁଷ୍ୟ ପୁରାତନ ଅଟେ । କାରଣ ମାନବିକ ସ୍ୱଭାବ ସହିତ ଏହାର ଅତି ଗଭୀର ସଂପର୍କ ରହିଛି । ଯଦି ଏହାର ସ୍ଥାପନା ଲୋଡ଼ା ତେବେ ଏଥି ନିମନ୍ତେ ବୈରାଗ୍ୟଜନିତ ଶତ୍ରୁ ଓ ଘୃଣାକୁ ସମାପ୍ତ କରିବାକୁ ପଡ଼ିବ । ରାଜନୈତିକ ସମସ୍ୟା ନୁହେଁ ବରଂ ଚାରିତ୍ରିକ ସମସ୍ୟା ଅଟେ । ଯଦି ଆମେମାନେ ଅଲ୍ଲାଃତାଲାଙ୍କ ଈଶ୍ୱରତ୍ୱରୁ ଅବଗତ ଓ ରୁଟିର ପ୍ରେମ, ଲୋଭ, ମୋହ ଇତ୍ୟାଦିକୁ ପରିତ୍ୟାଗ କରିଦେଉ ତେବେ ଏତଦ୍‌ପରେ ଆମେମାନଙ୍କ ମଧ୍ୟରେ ଘୃଣା, ଲୋଭ ଓ ମୋହ ପରିବର୍ତ୍ତେ ଭ୍ରାତୃତ୍ୱତା ଭାବ ସୃଷ୍ଟି ହୋଇପାରିବ । ଧାର୍ମିକ ସଂସାରର ମତଭେଦ ସମାପ୍ତ ହୋଇ ପାରିବ । କିନ୍ତୁ ସର୍ତ୍ତ ଏହିକି ଯେ, ଆମେମାନେ ପରସ୍ପରର ଭାବାବେଗକୁ ସମ୍ମାନ ପ୍ରଦର୍ଶନ କରିବା ଉଚିତ୍ । ଆମମମାନଙ୍କୁ ନିଜ ମଧ୍ୟରେ ସହିଷ୍ଣୁତା (ସହ୍ୟ କରିବାର ଶକ୍ତି)କୁ ସୃଷ୍ଟି କରିବା ଉଚିତ୍ । ଯେପରି ଧାର୍ମିକ ପ୍ରସଙ୍ଗରେ ବିନମ୍ରତା ଓ ବିନୀତତାର ଆବଶ୍ୟକତା ରହିଛି ଠିକ୍ ସେହିପରି ସାଂସାରିକ ପ୍ରସଙ୍ଗରେ ଓ ସାଂସାରିକ କ୍ଷତ୍ରରେ ମଧ୍ୟ ବିନୀତତା ଓ ବିନମ୍ରତା ପରି ଗୁଣାବଳୀ ହେବା ଏକାନ୍ତ ବିଧେୟ ଅଟେ । ମୁସଲମାନମାନଙ୍କ ଏବଂ ହିନ୍ଦୁମାନଙ୍କୁ କାଳରେ ମଧ୍ୟ ଉକ୍ତ ପ୍ରସଙ୍ଗଟି ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ସହିତ ମଧ୍ୟ ଥିଲା । ତେଣୁ ଆମମାନଙ୍କୁ ଜାତି, ସାଂପ୍ରଦାୟିକତା ଓ ବର୍ଣ୍ଣ ବୈଷମ୍ୟତାର କଳହକୁ ସମାପ୍ତ କରି ଆନ୍ତର୍ଜାତିକ ଭ୍ରାତୃତ୍ୱତାର ଆବେଗ ଓ ଉତ୍ସାହ ସୃଷ୍ଟି କରିବା ଉଚିତ୍ ।" **(ସଂସାରର ସାଂପ୍ରତିକ ଅଶାନ୍ତି ସଂପର୍କରେ ଇସ୍‌ଲାମ୍ ଧର୍ମ କେଉଁ ଉପଚାର ଅର୍ଥାତ୍ କେଉଁ ସମାଧାନ ଉପସ୍ଥାପିତ କରେ ? ଅନ୍‌ୱାରୁଲ୍ ଉଲୁମ୍, ଭାଗ-18, ପୃ-11-12)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଖଲିଫତୁଲ୍ ମସିହ୍ ସାନି ର.ଅ ପୁନଶ୍ଚ ଏକ ବିଷୟବସ୍ତୁ ଅର୍ଥାତ୍ ଆପତ୍ତି ଉପରେ ଆପଣ ର.ଅ ଏକ ପ୍ରବନ୍ଧ ରଚନା କରିଥିଲେ ଯେ, ଆମମାନଙ୍କର କର୍ତ୍ତବ୍ୟ ରହିଛି ଯେ, ଆମେମାନେ ଅତ୍ୟାଚାରିତ ଓ ନିଷ୍ପେଷିତ ଜାତିକୁ (ଲୋକମାନଙ୍କୁ) ସାହାଯ୍ୟ କରିବା ଉଚିତ୍ । ସେମାନେ ଆମକୁ ମାଡ଼ ମାରନ୍ତୁ ଅବା ଆମମାନଙ୍କୁ ଦୁଃଖ କଷ୍ଟ ଦିଅନ୍ତୁ ପଛେ ଆମମାନଙ୍କୁ କିନ୍ତୁ ନିଷ୍ପେଷିତ ଜାତିକୁ ସାହାଯ୍ୟ କରିବା ଉଚିତ୍ । ଦିଲ୍ଲୀର ଖବର କାଗଜ ଯେଉଁ ସମୀକ୍ଷାତ୍ମକ ଓ ସମାଲୋଚନାତ୍ମକ ମନ୍ତବ୍ୟ ତଥା ବିବୃତ୍ତି ପ୍ରଦାନ କରିଥିଲା ତାହା ଏହିକି ଯେ, ଦିଲ୍ଲୀର ଖବର କାଗଜ ଉଲ୍ଲେଖ କରିଥିଲା ଯେ, "ଅହେମଦିମାନେ ପାକିସ୍ତାନକୁ ସମର୍ଥନ ଜଣାଉଛନ୍ତି । କିନ୍ତୁ ସେମାନଙ୍କ ସହିତ ଅନ୍ୟ ମୁସଲମାନମାନେ ଉତ୍ତମ ବ୍ୟବହାର ପ୍ରଦର୍ଶନ କଲେ ନାହିଁ। ଉକ୍ତ ସମ୍ବାଦ ପତ୍ର ମୁସଲମାନମାନଙ୍କୁ ଉସ୍‌କାଉଛି। ପୁନଶ୍ଚ ଏହି ଖବରକାଗଜ ଉଲ୍ଲେଖ କରେ ଯେ, ଯେତେବେଳେ ପାକିସ୍ତାନ ଗଠନ ହୋଇଯିବ ସେତେବେଳେ ମୁସଲମାନମାନେ ଅହେମଦିମାନଙ୍କ ସହିତ ସେହି ବ୍ୟବହାର ପ୍ରଦର୍ଶନ କରିବେ ଯେଉଁ ବ୍ୟବହାର ସେମାନେ କାବୁଲ୍ ଠାରେ ଥିବା ଅହେମଦମାନଙ୍କ ସହିତ କରିଥିଲେ । ସେତେବେଳେ ଅହେମଦିମାନେ କହିବେ ଯେ, ଆମମାନଙ୍କୁ ଭାରତରେ ସାମିଲ୍ କରିନିଅ ।" ହ. ମୁସ୍‌ଲେହ୍ ମଉଦ୍ ର. 16 ମେ 1947 ମସିହାରେ ନମାଜ ମଗରିବ୍ ପରେ ଏହାର ଆଲୋଚନା କରି କହିଲେ, "ଆମମମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ଆମେମାନଙ୍କୁ ନିଷ୍ପେଷିତ ଜାତିର ସାହାଯ୍ୟ କରିବା ଉଚିତ୍ । ସେମାନେ ଆମମାନଙ୍କ ପ୍ରତି ଅତ୍ୟାଚାର କରନ୍ତୁ ଅବା ଅନ୍ୟାୟ ପ୍ରଦର୍ଶନ କରନ୍ତୁ ପଛେ ଆମମାନଙ୍କୁ କିନ୍ତୁ ନ୍ୟାୟପରାୟଣ ହୋଇ କାମ କରିବାକୁ ପଡ଼ିବ । ହୁଜୁର ର.ଅ ଉକ୍ତ ଉଦ୍‌ବୋଧନକୁ କାଦିୟାନ୍‌ରେ ମଧ୍ୟ ପୁସ୍ତକ ଆକାରରେ ପ୍ରକାଶିତ କରାଗଲା ।" **(ଆମମାନଙ୍କର କର୍ତ୍ତବ୍ୟ ଯେ, ଆମେମାନେ ଅତ୍ୟାଚାରିତ ଓ ନିଷ୍ପେଷିତ ଜାତିକୁ ସାହାଯ୍ୟ କରିବା ଉଚିତ୍, ସେମାନେ ଆମମାନଙ୍କୁ ମାଡ଼ ମାରନ୍ତ ଅବା ଦୁଃଖ ଓ କଷ୍ଟ ଦିଅନ୍ତୁ ପଛେ, ଅନ୍‌ୱାରୁଲ୍ ଉଲୁମ୍, ଭାଗ-18, ପୃ-19)**

ଆଜିକାଲି ମଧ୍ୟ କେତେକ ଲୋକମାନେ ଏହି ପ୍ରଶ୍ନ ଉତ୍ଥାପିତ କରନ୍ତି ଯେ, ହ. ମୁସ୍‌ଲେହ୍ ମଉଦ୍ ର.ଅ କାହିଁକି ପାକିସ୍ତାନ୍‌ରେ ସାମିଲ୍ ହେବା ନିମନ୍ତେ ସମର୍ଥନ କରୁଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଉକ୍ତ ଉଦ୍‌ବୋଧନ ସେହି ପ୍ରଶ୍ନର ଉତ୍ତର ଅଟେ । ସେତେବେଳର ପରିସ୍ଥିତିରେ ମୁସଲମାନମାନଙ୍କୁ ସାହାଯ୍ୟ କରିବାର ଆବଶ୍ୟକତା ଥିଲା ଏବଂ ଜମାଅତ୍ ସର୍ବଦା ମୁସଲମାନମାନଙ୍କ ସାହାଯ୍ୟ କରିବା ନିମନ୍ତେ ସର୍ବଦା ଆଗ ଧାଡ଼ିରେ ଛିଡ଼ା ହୋଇଛି ।

ହ. ମୁସ୍‌ଲେହ୍ ମଉଦ୍ ର.ଅ ଏହା ଅସ୍ୱୀକାର କରି ନାହାନ୍ତି ଯେ, ଜମାଅତ୍ ପ୍ରତି ଏହି ଅତ୍ୟାଚାର ହେବ ନାହିଁ । ଆପଣ ର.ଅ କହିଲେ, ସେ ଯାହା ହେଉ ବର୍ତ୍ତମାନ ମୁସଲମାନମାନଙ୍କୁ ସାହାଯ୍ୟର ଆବଶ୍ୟକତା ରହିଛି ଏବଂ ଅହେମଦିମାନଙ୍କୁ ମୁସଲମାନମାନଙ୍କର ସାହଯ୍ୟ ତଥା ସମର୍ଥନ କରିବା ଉଚିତ୍ । ପାକିସ୍ତାନର ଭବିଷ୍ୟତ ସଂପର୍କରେ ହ. ଖଲିଫତୁଲ୍ ମସିହ୍ ସାନି ର.ଅ ପାକିସ୍ତାନ ଗଠନ ହେବା ପରେ ପଞ୍ଜାବର ରାଜଧାନୀ ଲାହୋର ଠାରେ ପାକିସ୍ତାନର ଭବିଷ୍ୟତ ଉପରେ ଏକ ଚକ୍ଷୁବର୍ଦ୍ଧକ ଏକ ଭାଷଣ ପ୍ରଦାନ କଲେ । ଯହିଁରେ ଲାହୋରର ବଡ଼ ବଡ଼ ବିଦ୍ୱାନ୍ ମନୀଷୀମାନେ ଏବଂ ବୁଦ୍ଧିଜୀବୀମାନେ ସାମିଲ୍ ହେଲେ । ସେହି ଭାଷଣରେ ଆପଣ ର.ଅ ନିଜର ସକାରାତ୍ମକ ମନ୍ତବ୍ୟ ଓ ଭାବାବେଗ ବ୍ୟକ୍ତ କଲେ । ପ୍ରଥମେ 5ଟି ଭାଷଣ ମିନାର୍ ଡହାଲ୍ ଲାହୋର୍‌ରେ ଦେଇଥିଲେ । ସମୟାଭାବ ହେତୁ ଉକ୍ତ ବିଷୟବସ୍ତୁ (ପ୍ରବନ୍ଧ)ର ଅନେକ ଭାଗ ବର୍ଣ୍ଣନା କରିବାରୁ ବଞ୍ଚିତ ରହିଯାଇଥିଲେ । ଅତଏବ୍ ହ. ମୁସ୍‌ଲେହ୍ ମଉଦ୍ ର.ଅ ନିଜର ସ୍ମରଣ ଶକ୍ତି ଅନୁଯାୟୀ ଉକ୍ତ ବିଷୟବସ୍ତୁକୁ ଜନକଲ୍ୟାଣ କରିବା ନିମନ୍ତେ ପରେ ଅଲ୍‌ଫଲ୍ ପତ୍ରିକାରେ ପ୍ରକାଶିତ କରାଇଥିଲେ। ଉକ୍ତ ବିଷୟବସ୍ତୁ ଡିସେମ୍ବର ମାସ ୨ ତାରିଖ ଦିନ 1947 ମସିହାରେ ଦୈନିକ ଅଲ୍‌ଫଜଲ୍ (ଅଲ୍ ଫଜଲ୍ ସେତେବେଳେ ଲାହୋରରୁ ପ୍ରକାଶିତ ହେଉଥିଲା) ରେ ପ୍ରକାଶ ପାଇଥିଲା । ହୁଜୁର ଅନ୍‌ୱର୍ ଅ.ବ ନିଜର ଉଦ୍‌ବୋଧନରେ ନବାତି (ବନସ୍ପତି), ଜର୍‌ଇ (କୃଷିଭିତ୍ତିକ) ହୈୱାନୀ (ପଶୁ ବା ପାଶବିକ) ଓ ଅର୍ଥଗତ ସମ୍ପତ୍ତି ଦୃଷ୍ଟିରୁ ପାକିସ୍ତାନର କିପରି ଉନ୍ନତି ଓ ବିକାଶ ସାଧନ କରାଯାଇ ପାରିବ ସେ ଦିଗରେ ବହୁମୂଲ୍ୟ ଓ ଉପାଦେୟ ନୀତି ହ. ଖଲିଫତୁଲ୍ ମସିହ୍ ସାନି ର.ଅ ଦର୍ଶାଇଥିଲେ ଏବଂ ବହୁମୂଲ୍ୟ ପରାମର୍ଶ ପ୍ରଦାନ କରିଥିଲେ ।

**(ପାକିସ୍ତାନର ଭବିଷ୍ୟରୁ ଉଦ୍ଧୃତ, ଅନ୍‌ୱାରୁଲ୍ ଉଲୁମ୍, ଭାଗ-19, ପୃ-୫)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ଉକ୍ତ ଭାଷଣଟି ଖୁବ୍ ଲୋକାଦୃତ ହୋଇଥିଲା । ପୁନଶ୍ଚ ହ. ଖଲିଫତୁଲ୍ ମସିହ୍ ସାନି ର.ଅ ନିଜର ଅନ୍ୟ ଏକ ପ୍ରବନ୍ଧ ତଥା ପୁସ୍ତକ "ଇସ୍‌ଲାମୀୟ ପ୍ରଥା ଓ ଇସଲାମୀୟ ମୌଳିକ ଆଇନ୍ ବା ସିଦ୍ଧାନ୍ତ" ସଂକ୍ରାନ୍ତରେ ନିଜର ଚିନ୍ତାଧାର ପରିପ୍ରକାଶ କଲେ। କାଦିୟାନରୁ ଲାହୋର୍ ପ୍ରବାସ ପରେ "ପାକିସ୍ତାନର ଭବିଷ୍ୟ" ନାମକ ବିଷୟ ବସ୍ତୁ ଉପରେ ଆପଣ ର.ଅ ଯେଉଁ ଭାଷଣ ଦେଲେ ତାହା ଶେଷ ଭାଷଣ ଥିଲା ଏବଂ ସେହି ଭାଷଣ ଆପଣ ର.ଅ ଲାହୋର୍ ସ୍ଥିତ ୟୁନିଭର୍ସିଟି (ବିଶ୍ୱବିଦ୍ୟାଳୟ) ହଲ୍‌ରେ ଦେଇଥିଲେ। ଯେପରିକି ପୂର୍ବେ ଚର୍ଚ୍ଚା ହୋଇ ସାରିଛି ଇସ୍‌ଲାମୀୟ ପ୍ରଥା ଓ ଇସ୍‌ଲାମୀୟ ମୌଳିକ ଆଇନ୍ ଉପରେ ହୁଜୁର ର.ଅ ନିଜର ଭାଷଣ ଦେଇଥିଲେ। ଉକ୍ତ ଭାଷଣଟି ସେତେବେଳେ ଜନହିତ ସକାଶେ 1948 ମସିହା ଫେବୃୟାରୀ ମାସ 1୫ ତାରିଖ ଦିନ ଏକ ପ୍ରଚାର ପତ୍ର ଆକାରରେ ପ୍ରକାଶିତ କରାଗଲା ଏବଂ ତାହା ଏବେ ସୁଦ୍ଧା ଅନୱାରୁଲ୍ ଉଲୁମ୍‌ର 1୨ତମ ଗ୍ରନ୍ଥଖଣ୍ଡରେ ବିଦ୍ୟମାନ ରହିଛି। ଉକ୍ତ ଉଦ୍‌ବୋଧନରେ ଇସ୍‌ଲାମୀୟ ପ୍ରଥାର ବ୍ୟାଖ୍ୟା କରି ଆପଣ ର.ଅ ସେହି ପକ୍ଷ ଏବଂ ସେହି ଦିଗ ଉପରେ ଆଲୋକପାତ କଲେ ଯେ, ପାକିସ୍ତାନରେ କେଉଁ ପ୍ରକାରର ଆଇନ୍ କିମ୍ବା ପ୍ରଥା ପ୍ରଣୟନ (କାର୍ଯ୍ୟକାରୀ) ହେବା ଉଚିତ୍ ? ସୁତରାଂ ଆପଣ ର.ଅ କୁହନ୍ତି: ଅତଏବ୍ ଯଦି ପାକିସ୍ତାନର ସମ୍ବିଧାନରେ ମୁସଲମାନମାନଙ୍କର ସଂଖ୍ୟାଗରିଷ୍ଠତା ରୂପେ ଇସ୍‌ଲାମୀୟ ହେବା ତାହା ଆଦୌ ହୋଇ ପାରିବ ନାହିଁ । କିନ୍ତୁ ସରକାରଙ୍କର କାର୍ଯ୍ୟଶୈଳୀ ଇସ୍‌ଲାମୀୟ ହୋଇଯିବ ଓ ମୁସଲମାନମାନଙ୍କ ସଂକ୍ରାନ୍ତରେ ସେହି ଦେଶର ଆଇନ ମଧ୍ୟ ଇସ୍‌ଲାମୀୟ ହୋଇଯିବ ଏବଂ ଏହି ବ୍ୟବସ୍ଥାକୁ ହିଁ ଇସ୍‌ଲାମ୍ ଧର୍ମ ଆଶା କରିଥାଏ ।

**(ଅବଶିଷ୍ଟାଂଶ...... ପରବର୍ତ୍ତୀ ସଂଖ୍ୟାରେ)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan